ଧରିତ୍ରୀ
DHARITRI
January 12-18, 2020 ₹ 2/-

# ଛୁଟିଦିନ



# ସବୁଜ ସ୍ୱର୍ଣ୍ଣ

୩
ପ୍ରଚ୍ଛଦ ପ୍ରସଙ୍ଗ

ବାଉଁଶ ଘାସକୁ ମୋଟ, ଗଛକୁ ଛୋଟ। ବାସ୍ତବରେ ନା ଏହା ଘାସ ନା ଏହା ଗଛ। ତେବେ ଦିନେ ଓଡ଼ିଶାର ଘରେ ଘରେ ବାଉଁଶର ବହୁଳ ବ୍ୟବହାର ଥିଲା। ପରବର୍ତ୍ତୀ ସମୟରେ ପ୍ଲାଷ୍ଟିକ୍‌ର ବ୍ୟବହାର ପରେ ଏହାର ଚାହିଦା କିଛିଟା କମିଥିଲେ ବି ଏବେ ପୁଣିଥରେ ବାଉଁଶରେ ପ୍ରସ୍ତୁତ ଜିନିଷର ଚାହିଦା ବଢ଼ିବାରେ ଲାଗିଛି...





୮/୯
ସିନେମା

ସହରଠୁ ଦୂର
୧୩

# ସେଲିବ୍ରିଟି ପେଟ୍

**ବ**ଲିଉଡ୍‌ର ଏମିତି ଅନେକ ସେଲିବ୍ରିଟି ଅଛନ୍ତି ଯେଉଁମାନେ ନିଜ ପୋଷା ଜୀବକୁ ନେଇ ବେଶ୍ ଚର୍ଚ୍ଚାରେ ଥା'ନ୍ତି। ସୋସିଆଲ ମିଡିଆରେ ସେମାନଙ୍କ ଫ୍ୟାନ ଫଲୋୟର୍ସ ମଧ୍ୟ ଖୁବ୍ ଅଧିକ। ଆସନ୍ତୁ ଜାଣିବା ସେମିତି କିଛି ଲୋକପ୍ରିୟ ସେଲିବ୍ରିଟି ପେଟ୍‌ଙ୍କ ସମ୍ପର୍କରେ...



* ଲୋକପ୍ରିୟ ଅଭିନେତ୍ରୀ ଆଲିଆ ଭଟ୍ଟ ନିଜ ପୋଷା ବିଲେଇ 'ଏଡବର୍ଡ଼'କୁ ନେଇ ସୋସିଆଲ ମିଡିଆରେ ବେଶ୍ ଚର୍ଚ୍ଚାରେ ଥା'ନ୍ତି। ୨୦୧୭ରେ ନିଜର ୨୪ ତମ ଜନ୍ମ ଦିନରେ ଆଲିଆ ନିଜ ପାଇଁ ଏହି ବିଲେଇଟି କିଣିଥିଲେ।
* ଦେଶୀ ଗର୍ଲ ପ୍ରିୟଙ୍କା ଚୋପ୍ରାଙ୍କ ପୋଷା କୁକୁର 'ଡାଏନା'କୁ ତ ଏକ ସେଲିବ୍ରିଟି କହିଲେ ଚଳେ। ଡାଏନାର ଇନ୍‌ଷ୍ଟାଗ୍ରାମରେ ଏକ ପେଜ୍ ଥିବାବେଳେ ଏହାର ଫଲୋୟର ସଂଖ୍ୟା ୧ଲକ୍ଷରୁ ମଧ୍ୟ ଅଧିକ।
* ସୋନାକ୍ଷୀ ସିହ୍ନା ନିଜର ଜର୍ମାନ ଶେଫର୍ଡ ଡଗି 'ବ୍ରାଜ'କୁ ନେଇ ଅନେକ ପ୍ରକାର ସେଲଫି ସୋସିଆଲ ମିଡିଆରେ ଶେୟାର କରୁଥିବାର ନଜର ଆସୁଛନ୍ତି। ଯାହାକୁ ଅନେକେ ଲାଇକ୍ ଏବଂ କମେଣ୍ଟ କରୁଥିବାର ଦେଖାଯାଉଛି।
* ସିଦ୍ଧାର୍ଥ ମାଲହୋତ୍ରା ନିଜର ସବୁଠାରୁ ବିଶ୍ୱସ୍ତ ସାଙ୍ଗ ଦର୍ଶାଇ ନିଜ ପୋଷା ବକ୍ସର କୁକୁର 'ଓସ୍କାର'ର ଫଟୋ ସୋସିଆଲ ମିଡିଆରେ ଶେୟାର କରିଥାନ୍ତି।
* ଅନୁଷ୍କା ଶର୍ମାଙ୍କ ଲାବ୍ରାଡର ଡଗି 'ଡ୍ୟୁଡ୍ ଶର୍ମା' ସୋସିଆଲ ମିଡିଆରେ ବେଶ୍ ଲୋକପ୍ରିୟ। ଡ୍ୟୁଡ୍ ସହ ଅନୁଷ୍କା ଶର୍ମାଙ୍କ ଏକ ଭିଡିଓ ନିକଟରେ ବେଶ୍ ଭାଇରାଲ ମଧ୍ୟ ହୋଇଥିଲା।
* ଜନ ଆବ୍ରାହମ୍ ଦୁଇଟି ବୁଲା କୁକୁର ବେଲି ଏବଂ ସିୟାଙ୍କୁ ପୌଷ୍ୟ ଭାବେ ଗ୍ରହଣ କରି ବେଶ୍ ଚର୍ଚ୍ଚାରେ ଥିବା ବେଳେ ଏହି ଦୁଇଟି କୁକୁରର ଇନ୍‌ଷ୍ଟାଗ୍ରାମ ପେଜ୍ ମଧ୍ୟ ରହିଛି, ଯାହାର ୧୫ ହଜାର ଫଲୋୟର୍ସ ମଧ୍ୟ ରହିଛନ୍ତି।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର | ଜାନୁଆରୀ ୧୨-୧୮

**ମେଷ**: ସମସ୍ୟା ସୁଧୁରିବ, କାର୍ଯ୍ୟସିଦ୍ଧି, ଅର୍ଥ ସମ୍ମାନ ପ୍ରାପ୍ତି, ଦୂରଯାତ୍ରା। ପ୍ରଶାସନିକ ସଫଳତା, ଆଇନ ସହାୟତା, ସାହିତ୍ୟ କୃତିର କୃତିତ୍ୱ, ପରିବାରରେ ଝଗଡା, ନୂତନ ବନ୍ଧୁ ସମ୍ପର୍କ, ବ୍ୟବସାୟରେ ଉନ୍ନତି। ସହକର୍ମୀଙ୍କ ଉଦାରତା, ମୂଲ୍ୟବାନ ଦ୍ରବ୍ୟଲାଭ, ଋଣ ପରିଶୋଧ।

**ବୃଷ**: ସ୍ୱାସ୍ଥ୍ୟରେ ଉନ୍ନତି, ସହଯୋଗ ମିଳିବ, ମାନସିକ ଚାପ ବୃଦ୍ଧି, ବନ୍ଧୁଙ୍କ ସହ କଳହ, ଜମିଜମା କ୍ରୟ, ପରିବହନରେ ଉନ୍ନତି, ନୈତିକ ମୂଲ୍ୟବୋଧ, ଭ୍ରମଣ ସୁଖ, ବାଣିଜ୍ୟରେ ଉନ୍ନତି, ସମସ୍ୟା ସମାଧାନ। ସଙ୍ଗୀତ ସାଧନାର ସୁଯୋଗ।

**ମିଥୁନ**: ସ୍ଥଗିତ କାର୍ଯ୍ୟାରମ୍ଭ, ବନ୍ଧୁଙ୍କ ସହାୟତା, ଅର୍ଥ ସାହାଯ୍ୟପ୍ରାପ୍ତି, ଦ୍ରବ୍ୟ ନଷ୍ଟରୁ କ୍ଷୋଭ, ଉପରିସ୍ଥଙ୍କ ତାଗିଦ୍, ଭ୍ରାତୃସମ୍ପର୍କ ବୃଦ୍ଧି, ପାରିବାରିକ ଅନୁମତି, ବିବାଦର ସମାଧାନ, ମନୋରଞ୍ଜନ, ଆତ୍ମୀୟଙ୍କ ସହାନୁଭୂତି।

**କର୍କଟ**: ଯାତ୍ରାରେ କଳହ, ଭାରାକ୍ରାନ୍ତ ମନ, ବନ୍ଧୁଙ୍କ ଅନୁରକ୍ତି, ଖର୍ଚ୍ଚାନ୍ତ ହେବେ, ଯାନବାହନରେ ତ୍ରୁଟି, ଚଳଚ୍ଚିତ୍ରରେ ସମସ୍ୟା, ରୋଗ ପୀଡା, କଚେରି ମାମଲାରେ ଦ୍ୱନ୍ଦ୍ୱ, ଦୃଢ ନିଷ୍ପତ୍ତି, ଗୁରୁଜନଙ୍କ ପ୍ରେରଣା, ଧର୍ମକାର୍ଯ୍ୟ, କର୍ମୋନ୍ନତି।

**ସିଂହ**: ସୁଯୋଗ ପ୍ରାପ୍ତି, ସୌଖୀନଦ୍ରବ୍ୟ କ୍ରୟ। ଅନିଦ୍ରାଜନିତ କ୍ଳେଶ, ନୂତନ ମୈତ୍ରୀ। ଆରୋଗ୍ୟ ଲାଭ, ବିଦେଶ ଯାତ୍ରା, ବୁଦ୍ଧିଜୀବୀଙ୍କ ପ୍ରଶଂସା, ନୂତନ ନିଯୁକ୍ତି, ପ୍ରିୟଜନଙ୍କ ଅଭିଯୋଗ, ଆନୁଷ୍ଠାନିକ ନିମନ୍ତ୍ରଣ।

**କନ୍ୟା**: ଗୃହୋପକରଣ କ୍ରୟ, କର୍ମକ୍ଷେତ୍ରରେ ପ୍ରଶଂସା, ପଦସ୍ଥ ବ୍ୟକ୍ତିଙ୍କ ସାନିଧ୍ୟ। ସ୍ୱାସ୍ଥ୍ୟରେ ଉନ୍ନତି, ସମ୍ପର୍କୀୟଙ୍କ ଅପପ୍ରଚାର, ଋଣଦାତାଙ୍କ ଚାପ, ଏଜେନ୍ସିପ୍ରୁ ଲାଭ, ବୈବାହିକ ସମ୍ପର୍କ, ଆକସ୍ମିକ ଯାତ୍ରା।

**ତୁଳା**: ପାରିବାରିକ ମତଭେଦ, ବ୍ୟବହାରରେ ରକ୍ଷତା, ବନ୍ଧୁତାରେ ମନାନ୍ତର, ଭୂସଂପତ୍ତି ନେଇ ବିବାଦ, ଅଭିଳାଷ ପୂରଣ, ବନ୍ଧୁଙ୍କ ଆମନ୍ତ୍ରଣ, ପଡୋଶୀଙ୍କ ସହାନୁଭୂତି, ସଭା ସମିତିରେ ପ୍ରଶଂସା, ଆର୍ଥିକ ସହାୟତା, ସରକାରୀ କାମରେ ଯାତ୍ରା।

**ବିଛା**: ଉଚ୍ଚଚିନ୍ତା, କାର୍ଯ୍ୟଶୈଳୀର ପରିବର୍ତ୍ତନ, ବନ୍ଧୁସମ୍ପର୍କ ହ୍ରାସ, ନେତୃତ୍ୱରୁ ପ୍ରତିଷ୍ଠା, ପ୍ରକଳ୍ପାରମ୍ଭରେ ବିଳମ୍ବ, ବ୍ୟବସାୟରେ ସଫଳତା। ନୈତିକ ମାନବୃଦ୍ଧି, ସାମାଜିକ ସମ୍ମାନ, ଯାନ୍ତ୍ରିକ ଜିନିଷ କ୍ରୟ, ଅପବ୍ୟୟରୁ କ୍ଷୋଭ।

**ଧନୁ**: ନୂତନ ଯୋଜନାରମ୍ଭ, ସମ୍ପର୍କୀୟଙ୍କ ଅନୁରକ୍ତି, ପାରିବାରିକ ସମର୍ଥନ, ଖର୍ଚ୍ଚଣି ବଢିବ, ସ୍ନାୟବିକ ଦୁର୍ବଳତା, ଆନୁଷ୍ଠାନିକ କାମରୁ ପ୍ରଶଂସା, ଶିଳ୍ପ, ବାଣିଜ୍ୟରେ ଉନ୍ନତି। ନୂତନ ସମ୍ପର୍କ ସୃଷ୍ଟି, ଆଶଙ୍କାଗ୍ରସ୍ତ ହେବେ।

**ମକର**: ବନ୍ଧୁତ୍ୱ ହରାଇବେ, ଭାବପ୍ରବଣ ହେବେ, ବନ୍ଧୁଙ୍କ ଆଶ୍ୱାସନା, ଅଣ୍ଡାଜନିତ ପୀଡା, ଆର୍ଥିକ ଅଭିବୃଦ୍ଧି, ଅନଟନ ଦୂର ହେବ। କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱ, ଆନୁଷ୍ଠାନିକ ବ୍ୟତିକ୍ରମ, ପ୍ଲଟିଙ୍ଗ ଚୁକ୍ତିର ବାତିଲ୍, ବିଫଳ ଆଲୋଚନା, ସ୍ଥାନାନ୍ତର।

**କୁମ୍ଭ**: ଭୁଲ୍ ବୁଝାମଣାରୁ ଅଶାନ୍ତି, ବନ୍ଧୁଙ୍କୁ ସାହାଯ୍ୟ। ସତ୍‌ସଙ୍ଗର ସୁଯୋଗ, ଠକାମିରେ ପଡିବେ, ସହକର୍ମୀଙ୍କ ପ୍ରତିଦ୍ୱନ୍ଦ୍ୱିତାରେ ବିଜୟ, ରାଜନୈତିକ ପ୍ରତିଷ୍ଠା, ସାଧାରଣ କଥାରୁ କଳହ, ସନ୍ଦେହଜନକ କର୍ମ, ପୁରାଣପଠନରେ ରୁଚି, ବିଳାସ ଉପକରଣ କ୍ରୟ।

**ମୀନ**: ଚେଷ୍ଟା ସଫଳ, କର୍ମଜଞ୍ଜାଳ, ସନ୍ତାନଙ୍କ ଅମନଯୋଗିତା, ଜମା ସଞ୍ଚୟ ଉଠାଇବେ, ମିତ୍ରଙ୍କ ପକ୍ଷପାତିତା, ଗୃହସୀମାକୁ ନେଇ କଳହ, ଅସମ୍ପୂର୍ଣ୍ଣ ଆଲୋଚନା, ଶୁଭଖବର ପ୍ରାପ୍ତି, ସ୍ୱର୍ଣ୍ଣାଳଙ୍କାର ପ୍ରାପ୍ତି, ଯାତ୍ରାରେ ଲକ୍ଷ୍ୟପୂରଣ।

# ପେପର ଫ୍ୟାଶନ ଶୋ'

**ପ୍ର**ତିଦିନ ଫ୍ୟାଶନ ଜଗତରେ ନୂଆ ନୂଆ ତଥା ଭିନ୍ନ ଧରଣର ଡିଜାଇନ୍‌ମାନ ଦେଖିବାକୁ ମିଳୁଛି। ଏହାକୁ ପ୍ରଦର୍ଶନ କରିବା ଲାଗି ବିଭିନ୍ନ ପ୍ରକାର ଫ୍ୟାଶନ ଶୋ'ର ମଧ୍ୟ ଆୟୋଜନ କରାଯାଇଥାଏ। ସେହିପରି ପ୍ରତିବର୍ଷ ଏକ ନିଆରା ଫ୍ୟାଶନ ଶୋ'ର ଆୟୋଜନ କରାଯାଇଥାଏ ନ୍ୟୁୟର୍କଠାରେ। 'ୱାନ କ୍ଲବ୍ ଫର୍ କ୍ରିଏଟିଭିଟି ଡେନ୍‌ଭର' ତରଫରୁ ଆୟୋଜିତ କରାଯାଉଥିବା ଏହି ଫ୍ୟାଶନ ଶୋ'ରେ ପ୍ରଦର୍ଶିତ ହେଉଥିବା ସମସ୍ତ ପୋଷାକ ପ୍ରସ୍ତୁତ ହୋଇଥାଏ କେବଳ ପେପରରେ। ପେପର ମିଲ ଦ୍ୱାରା ଯୋଗାଇଦିଆଯାଉଥିବା ପେପର ସିଟ୍‌ରେ ଡିଜାଇନରମାନେ ନିଜ ମନପସନ୍ଦର ପୋଷାକ ପ୍ରସ୍ତୁତ କରିଥାନ୍ତି। ନିଜର ସୃଜନଶୀଳତାକୁ ଉପଯୋଗ କରିବାକୁ ଯାଇ ଫ୍ୟାଶନ ଡିଜାଇନରମାନେ ପେପର ସିଟ୍‌କୁ ବିଭିନ୍ନ ପ୍ରଣାଳୀରେ ପ୍ରିଣ୍ଟ, ଡାଏ, ପେଷ୍ଟିଂ, ଷ୍ଟିଚିଙ୍ଗ, ପେଣ୍ଟିଙ୍ଗ କରି ସୁନ୍ଦର ସୁନ୍ଦର ପୋଷାକମାନ ପ୍ରସ୍ତୁତ କରିଥାନ୍ତି। ଏହାକୁ ପରିଧାନ କରି ମଡେଲମାନେ ଯେତେବେଳେ ରନ୍‌ୱେରେ ଚାଲନ୍ତି ସେତେବେଳେ ଏହିସବୁ ପୋଷାକ କପଡ଼ାରେ ପସ୍ତୁତ ହୋଇଥିବାର ଭ୍ରମ ସୃଷ୍ଟି କରେ। ପେପର ଫ୍ୟାଶନ ଶୋ'ର ଆଉ ଏକ ବିଶେଷତ୍ୱ ହେଉଛି, ଶୋ'ର ବିଜେତାମାନଙ୍କୁ ପେପରରେ ପ୍ରସ୍ତୁତ ଟ୍ରଫି ହିଁ ପ୍ରଦାନ କରାଯାଇଥାଏ।



# ପାଠକୀୟ

■ ବିଦେଶ ମାଟିରେ ଚାକିରି, ମୋଟା ଅଙ୍କର ଦରମା ଆଜିକାର ଯୁବପିଢ଼ିଙ୍କ ସ୍ୱପ୍ନ। ଆଉ ଏସବୁ କିଛି ଥିଲା କିଛି ବ୍ୟକ୍ତିଙ୍କ ପାଖରେ। ତଥାପି ସେମାନଙ୍କୁ ଟାଣିଥିଲା ଗାଁର ମୋହ। ସେଇଥିପାଇଁ ତ କିଏ ଗାଁକୁ ଚାଲିଆସି ଗାଁ ଉନ୍ନତିରେ ଲାଗିଛନ୍ତି ତ ଆଉ କିଏ ବିଦେଶରେ ଥାଇ ବି ନିରନ୍ତର କରି ଚାଲିଛନ୍ତି ଗାଁ ପାଇଁ ଉନ୍ନୟନମୂଳକ କାମ। ତେଣୁ ଏଭଳି ଏକ ପ୍ରେରଣାଦାୟୀ ବିଷୟକୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ଗାଁର ମୋହ'ଟି ଖୁବ୍ ସୁନ୍ଦର ହୋଇଥିଲା। ସେହିପରି 'ନୂଆ ବର୍ଷକୁ ନେଇ କିଛି ଅଜବ ପ୍ରଥା', 'ଶୁଭାରମ୍ଭ କିଛି ନୂଆ ସଂକଳ୍ପ ସହ' ଆଦି ପାଠଗୁଡ଼ିକରୁ ଅନେକ ଅଜଣା କଥା ଜାଣିହେଲା। ***–ଐଶ୍ୱର୍ଯ୍ୟା ପ୍ରଧାନ, ସୁନ୍ଦରଗଡ଼***

■ ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ଗାଁର ମୋହ' ଟିର ଉପସ୍ଥାପନା ଶୈଳୀ ବେଶ୍ ଉଚ୍ଚକୋଟୀର ହୋଇଥିଲା। ସେହିପରି ସିନେମା ପୃଷ୍ଠାରୁ 'ପ୍ରିୟଙ୍କାଙ୍କ ସ୍ପେଶାଲ୍ ଗିଫ୍ଟ', 'କୁଲ୍ କୁଲ୍ କାଜଲ', 'କେତେବେଳେ ହିରୋ କେତେବେଳେ ଜିରୋ' ଆଦି ପାଠଗୁଡ଼ିକରୁ ସିନେମା ସେଲିବ୍ରିଟିମାନଙ୍କର ବ୍ୟକ୍ତିଗତ ଜୀବନୀ ସମ୍ପର୍କରେ ଅନେକ ଅଜଣା କଥା ଜାଣିହେଲା। ଅନ୍ୟପକ୍ଷେ ବ୍ୟକ୍ତିତ୍ୱ ପୃଷ୍ଠାରୁ ବିଶିଷ୍ଟ ଔପନ୍ୟାସିକ, କବି, ଅନୁବାଦକ ତଥା ପ୍ରାବନ୍ଧିକ ଭ୍ଲାଡିମିର୍ ନାବୋକୋଭ୍‌ଙ୍କ ଜୀବନୀ ସମ୍ପର୍କରେ ବି ଜାଣି ଖୁସି ଲାଗିଲା।

***–ରାସେଶ୍ୱରୀ ମହାନ୍ତି, ସମ୍ବଲପୁର***

■ ସୃଜନ ପୃଷ୍ଠାରେ ସ୍ଥାନିତ 'ଉପକାର' ନାମକ ଗପଟି ବେଶ୍ ହୃଦୟସ୍ପର୍ଶୀ ହୋଇପାରିଥିଲା। ସେହିପରି 'ଶୀତ', 'ନୂଆବର୍ଷ' ଇତ୍ୟାଦି କବିତା ଦୁଇଟି ବି ମନଛୁଆଁ ଲାଗୁଥିଲା। ତା'ସହିତ ଧରିତ୍ରୀ ଛୁଟିଦିନର ସ୍ପେଶାଲ୍ କ୍ୟାଲେଣ୍ଡର ପୃଷ୍ଠାଟି ବି ଖୁବ୍ ଆକର୍ଷଣୀୟ ହୋଇଥିଲା। ଏପରିକି ପ୍ରଥମ ରୋଜଗାର ସ୍ତମ୍ଭରୁ ଗାଳ୍ପିକ, ଔପନ୍ୟାସିକ, ସ୍ତମ୍ଭକାର, ନାଟ୍ୟକାର, ଅନୁବାଦକ ତଥା ଶିକ୍ଷାବିତ୍ ଭାବେ ଜଣାଶୁଣା ପ୍ରଫେସର୍ ଡ.ମୃଣାଳ ଚାଟାର୍ଜୀଙ୍କ ରୋଜଗାର ସମ୍ପର୍କିତ ଲେଖାଟି ମୋ ମନକୁ ବେଶ୍ ଛୁଇଁ ପାରିଥିଲା।

***–ଦୈତାରୀ ମିଶ୍ର, ଚନ୍ଦନପୁର, ପୁରୀ***

■ ସାଥୀର ଉତ୍ତରଗୁଡ଼ିକ ବେଶ୍ ମନଲାଖି ହୋଇପାରୁଛି। ସେହିପରି ସ୍ୱତନ୍ତ୍ର ଭାବେ ପ୍ରକାଶ ପାଉଥିବା ଶ୍ରୀ ସନ୍ନ୍ୟାସୀଙ୍କର ଚିନ୍ମୟ ଚିନ୍ତନ ଲେଖାଟି ବି ବହୁତ ଭଲ ନୀତିଶିକ୍ଷାମାନ ଦେଉଛି। ବାସ୍ତୁ ଅନୁଯାୟୀ କେମିତି ଅଫିସ୍ ଡେସ୍କକୁ ସଜାଇହେବ ସେ ନେଇ କିଛି ଟିପ୍ସ ବି ଏଥରର ଛୁଟିଦିନରୁ ଜାଣିହେଲା। ଅନ୍ୟପକ୍ଷେ ଏଥରର ମଡେଲ୍ ପ୍ରିୟଙ୍କା ମଧ୍ୟ ଖୁବ୍ ସୁନ୍ଦର ଦେଖାଯାଉଥିଲେ।

***–ମନୋଜ ବେହେରା, କାମାକ୍ଷାନଗର***

■ ଏଥରର ସହର ପୃଷ୍ଠାରୁ ନୂଆବର୍ଷ କେଉଁଠି କେଉଁଠି ପାଳିଲେ ଭରପୂର ମଜା ଉଠାଇହେବ ତାହା ଜାଣିହେଲା। ତା'ସହିତ ବିବିଧା ଓ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ ଛୋଟ ଛୋଟ ଆଶ୍ଚର୍ଯ୍ୟକର ଲେଖାଗୁଡ଼ିକ ବି ବେଶ୍ ନିଆରା ଥିଲା। ଯାତ୍ରା ପୃଷ୍ଠାରୁ ବି ଅନେକ ନୂଆକଥା ମାନ ଜାଣିହେଲା।

***–ପ୍ରଭାତ ବଳିୟାରସିଂ, ଶହୀଦନଗର, ଭୁବନେଶ୍ୱର***

## ବିଶେଷ ଚିଠି



**ପା**ଠକ ମହଲେ ସବୁଠି ଆଦର
ପାଏ ଧରିତ୍ରୀର ଛୁଟିଦିନ,
ନୂଆ ଲେଖା ନେଇ ଧରିତ୍ରୀ ସହିତ
ଆସେ ପ୍ରତି ରବିବାର ଦିନ।
ସିନେମା ଖବର ସାଥୀ ଉତ୍ତର
ମୁଖ୍ୟ ପ୍ରସଙ୍ଗ ନିତ୍ୟ ନୂତନ,
କାର୍ଟୁନ କର୍ନର ସହରଠୁ ଦୂର
ମୋହେ ସବୁ ପାଠକର ମନ।
କରେ ନିବେଦନ ହେ ପାଠକଗଣ
ପଢନ୍ତୁ ଧରିତ୍ରୀ ଛୁଟିଦିନ,
କହିବେ କିପରି ହୋଇଛି ପତ୍ରିକା
ପଥେ ଦେଖାହେବ ଯେଉଁଦିନ।


*–ଶରତ କୁମାର ଚଉଁରୀ, ମଙ୍ଗଳପୁର, ପିପିଲି, ପୁରୀ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ–ମେଲ୍ ଠିକଣା: chhutidinadharitri@gmail.com



# ସବୁଜ ସ୍ୱର୍ଣ୍ଣ



**ବାଉଁଶ ଘାସକୁ ମୋଟ, ଗଛକୁ ଛୋଟ। ବାସ୍ତବରେ ନା ଏହା ଘାସ ନା ଏହା ଗଛ। ତେବେ ଦିନେ ଓଡ଼ିଶାର ଘରେ ଘରେ ବାଉଁଶର ବହୁଳ ବ୍ୟବହାର ଥିଲା। ପରବର୍ତ୍ତୀ ସମୟରେ ପ୍ଲାଷ୍ଟିକ୍‌ର ବ୍ୟବହାର ପରେ ଏହାର ଚାହିଦା କିଛିଟା କମିଥିଲେ ବି ଏବେ ପୁଣିଥରେ ବାଉଁଶରେ ପ୍ରସ୍ତୁତ ଜିନିଷର ଚାହିଦା ବଢ଼ିବାରେ ଲାଗିଛି...**



ମଧୁର ମୂର୍ଚ୍ଛନା ପାଇଁ ବ୍ୟବହୃତ ହେଉଥିବା ବଂଶୀ ହେଉ ଅବା କରୁଣ ରାଗିଣୀର ଲହର ଛୁଟାଉଥିବା କେନ୍ଦରା, ଜୀବନର ଶେଷଶଯ୍ୟା ଛ'ଖଣ୍ଡ କାଠର କୋକେଇ ହେଉ ଅବା ବିବାହ ବେଦିର ବୈଶାଲା, ପାରମ୍ପରିକ କୃଷି ଯନ୍ତ୍ରପାତି ହେଉ ଅବା ବନ୍ୟା ସମୟରେ ଭେଳା ପୁଣି ମଣିଷ ଜୀବନର ଚତୁର୍ଥ ପ୍ରହର ପାଇଁ ନିତାନ୍ତ ଆବଶ୍ୟକୀୟ ସାମଗ୍ରୀ ଆଶାବାଡ଼ି – ଏସବୁ ପାଇଁ ଯାହା ଦରକାର ହୁଏ ତାହା ହେଉଛି ବାଉଁଶ। ବାଉଁଶକୁ ନେଇ ଓଡ଼ିଆରେ ରହିଛି ଏକ ସୁନ୍ଦର କଥା : ଘାସକୁ ମୋଟ, ଗଛକୁ ଛୋଟ। ବାସ୍ତବରେ ନା ଏହା ଘାସ ନା ଏହା ଗଛ। ତେବେ ଏହାକୁ ଘାସ ପ୍ରଜାତିର ଏକ ଉଦ୍ଭିଦ ଭାବରେ ବିବେଚନା କରାଯାଇଥାଏ। ଅବଶ୍ୟ ଏବେ ବଦଳିଗଲାଣି ପରିବେଶ। ପ୍ଲାଷ୍ଟିକ୍ ଯୁଗର ମଣିଷ ଜୀବନରେ କମିଗଲାଣି ବାଉଁଶର ବ୍ୟବହାର। ହେଲେ ଦିନଥିଲା ଯେତେବେଳେ ବାଥ୍‌ରୁମ୍‌ରୁ ବେଡ୍‌ରୁମ୍ ପୁଣି ବିଲ୍‌ଡିଂରୁ ବୋଟ୍ – ବାଉଁଶର ରହିଥିଲା ଶେଷହୀନ ଉପଯୋଗିତା। ଆମ ସଂସ୍କୃତିରେ ବି ସାମିଲ୍ ହୋଇଥିଲା ଏହି ଘାସ ପ୍ରଜାତିର ଗଛଟି। ଘର ଆଗରେ ଏକ ଲମ୍ବା ବାଉଁଶ ପୋତି ତା' ଉପରେ ନାଲି ପତାକା ମାରିବା ହେଉ କି ବାଉଁଶଦଣ୍ଡ ଉପରେ ଚଢ଼ି ଜୀବନକୁ ପାଣିଛଡ଼େଇ ଯାଯାବର ସମ୍ପ୍ରଦାୟର ଲୋକମାନେ ପ୍ରଦର୍ଶନ କରୁଥିବା ବାଉଁଶରାଣୀ ଖେଳ – ଏସବୁ ଆମ ଜୀବନ, ଜୀବିକା ତଥା ସଂସ୍କୃତିର ଗୋଟିଏ ଗୋଟିଏ ପରିଚୟ।


**ବାଉଁଶ ଓ କୃଷି ଅର୍ଥନୀତି :** ଚାଇନା ଭାଷାରେ ଏକ ପ୍ରୋଭର୍ବ ଅଛି ଯାହାର ଓଡ଼ିଆ ଭାଷାନ୍ତର କଲେ ଏମିତି ହେବ– ଯେତେବେଳେ ଏହି ପୃଥିବୀରେ ପ୍ରଥମ ପୁରୁଷ ସୃଷ୍ଟିହେଲା। ଆଉ ଯେତେବେଳେ ସେ ଘରଟିଏ କରି ରହିବା କଥା ଚିନ୍ତାକଲା ସେତେବେଳେ ସେ ଯାହାକୁ ପ୍ରଥମେ ଖୋଜିଥିଲା ତାହା ଥିଲା ବାଉଁଶ। ସୃଷ୍ଟିର ଆବହମାନ କାଳରୁ ରହିଛି ବାଉଁଶ। ୨୦୦୪ ମସିହା ଫେବୃୟାରୀ ମାସ। ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହୋଇଥିଲା ସପ୍ତମ 'ବିଶ୍ୱ ବାମ୍ବୋ କଂଗ୍ରେସ'ର ଅଧିବେଶନ। ଏହାର ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇ ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ କହିଥିଲେ ଯେ, ବାଉଁଶ ଏକ ଯାହିତାହି ପ୍ଲାଣ୍ଟ ନୁହେଁ। ଏହା ଅତି ପୁରାତନ। ପୁଣି ବାଉଁଶ ସହିତ ମୋ ବଂଶାବଳୀର କିଛି ନା କିଛି ସମ୍ପର୍କ ତ ରହିଛି। ଆମର ସାଙ୍ଗିଆ 'ବାଜପେୟୀ'। ଏହା ସମ୍ଭବତଃ 'ବାଜପେୟ' ଶବ୍ଦରୁ ଆସିଛି। ପୁରାଣ କାଳରେ 'ବାଜପେୟ' ନାମରେ ଏକ ଯଜ୍ଞ କରାଯାଉଥିଲା। ଏହି ଯଜ୍ଞ ସମସ୍ତେ କରିପାରୁ ନ ଥିଲେ। କାରଣ ଏହି ଯଜ୍ଞରେ ଏକ ଭିନ୍ନ ଧରଣ ଚରୁ ପ୍ରଦାନ କରାଯାଉଥିଲା। ବାଉଁଶ ଗଛର ଧାନକୁ ସଂଗ୍ରହ କରାଯାଇ ତାହାକୁ ଚାଉଳ କରାଯାଉଥିଲା। ଆଉ ସେହି ଚାଉଳକୁ ରାନ୍ଧି ସେଥିରୁ ଚରୁ ପ୍ରସ୍ତୁତ କରାଯାଉଥିଲା। ସେହି ଚରୁକୁ ହୋମାଗ୍ନିରେ ତର୍ପଣ କରାଯାଉଥିଲା। ପୌରାଣିକ ତଥ୍ୟ ଅନୁଯାୟୀ ରାଜା ଦକ୍ଷଙ୍କୁ ହିଁ ସୃଷ୍ଟିକର୍ତ୍ତା ବ୍ରହ୍ମା ଏହି ବାଜପେୟ ଯଜ୍ଞ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ଅଧିବେଶନରେ ବାଜପେୟୀ ଘୋଷଣା କରିଥିଲେ ଯେ, ବାଉଁଶ ହେଉଛି ଏକ ମାତ୍ର ମାଧ୍ୟମ, ଯାହା ଗ୍ରାମୀଣ ଅର୍ଥନୀତି ବିକାଶରେ ସହାୟକ ହୋଇପାରିବ।

**ସବୁଜ ସ୍ୱର୍ଣ୍ଣ :** ବାଉଁଶକୁ ଯଥାର୍ଥରେ 'ସବୁଜ ସ୍ୱର୍ଣ୍ଣ' ବୋଲି କୁହାଯାଏ। ତେବେ କାହିଁକି ବାଉଁଶକୁ ସୁବର୍ଣ୍ଣ ଭଳି କିମ୍ବା ସୁବର୍ଣ୍ଣ ଠୁ ଅଧିକ ବୋଲି ବିବେଚନା କରାଯାଏ ? ବାସ୍ତବରେ ବାଉଁଶ ଦୈନନ୍ଦିନ ଜୀବନରେ ଯେମିତି ଦରକାରୀ, ଅର୍ଥନୀତିର ଅଭିବୃଦ୍ଧି ପାଇଁ ମଧ୍ୟ ସେମିତି ସହାୟକ। ସେତିକିନୁହେଁ, ଅତି ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପରିବେଶ ପାଇଁ ଏହା ଭାରି ଉପଯୋଗୀ। ବାଉଁଶ ଏମିତି ଏକ ଗଛ ଯାହାକୁ ଚାଷ କରିବା ପାଇଁ ନା ଦରକାର ଜଳସେଚନ ନା ଦରକାର ସାର ଅଥବା କୀଟନାଶକ। ସ୍ୱାଭାବିକ ଭାବରେ ଯେତିକି ବର୍ଷା ହୁଏ ସେତିକି ଯଥେଷ୍ଟ ବାଉଁଶ ବଢ଼ିବା ପାଇଁ। ପୁଣି ବାଉଁଶ ଗଛ ଉତାରିବା ପାଇଁ ସ୍ୱତନ୍ତ୍ର ଚାରାର ମଧ୍ୟ ଆବଶ୍ୟକତା ପଡ଼େନା। ଗୋଟିଏ ବାଉଁଶଗଛ ନିଜକୁନିଜେ ତା'ର ବଂଶ ବୃଦ୍ଧି ଘଟେଇଥାଏ। ଗୋଟିଏ ଅନ୍ୟ ଗଛ ଯେତିକି ଅମ୍ଳଜାନ ନିଷ୍କାସନ କରେ ଗୋଟିଏ ବାଉଁଶ ଗଛ ସେହି ତୁଳନାରେ ୩୫ପ୍ରତିଶତ ଅଧିକ ଅମ୍ଳଜାନ ବାୟୁମଣ୍ଡଳକୁ ଛାଡ଼ିଥାଏ। ବର୍ତ୍ତମାନର ଅଙ୍ଗାରକାମ୍ଳ ପରିପୂର୍ଣ୍ଣ ପୃଥିବୀର ପରିବେଶକୁ ଉଦ୍ଧାର କରିବାର ଏକମାତ୍ର ମାଧ୍ୟମ ହେଉଛି ପ୍ରଚୁର ପରିମାଣରେ ବାଉଁଶ ଜଙ୍ଗଲ ସୃଷ୍ଟି। ସେଥିଲାଗି ଦିବଂଗତ ପ୍ରଧାନମନ୍ତ୍ରୀ ଅଟଳବିହାରି ବାଜପେୟୀ ଏହାକୁ ସବୁଜ ସ୍ୱର୍ଣ୍ଣ କହିବା ସହିତ ବାଉଁଶ ଶିଳ୍ପ କ୍ଷେତ୍ରରେ ୮ ନିୟୁତ ନିଯୁକ୍ତି ସୁଯୋଗ ସୃଷ୍ଟିକରିବାକୁ ଆହ୍ୱାନ ଦେଇଥିଲେ। ତାଙ୍କ ମତରେ ଯେଉଁ ଭାରତର ଆତ୍ମା ହେଉଛି ଗାଁ ସେହି ଗ୍ରାମୀଣ ଅର୍ଥନୀତିକୁ କେବଳ ବାଉଁଶ ଶିଳ୍ପ ବା ବାମ୍ବୋ ଇଣ୍ଡଷ୍ଟ୍ରି ଦ୍ୱାରା ହିଁ ବିକଶିତ କରାଯାଇପାରିବ।

**ଓଡ଼ିଶା ବାମ୍ବୋ ଡିଭଲପମେଣ୍ଟ ଏଜେନ୍ସି :** ରାଜ୍ୟରେ ବାମ୍ବୋ ସେକ୍ଟର ବା ବାଉଁଶ ଉଦ୍ୟୋଗର ବିକାଶ ଦିଗରେ କାମ କରୁଛି ଓଡ଼ିଶା ବାମ୍ବୋ ଡିଭଲପ୍‌ମେଣ୍ଟ ଏଜେନ୍ସି। ବାଉଁଶର ବ୍ୟାବସାୟିକ ଚାଷ ଏବଂ ବାଉଁଶ ନିର୍ମିତ ଦ୍ରବ୍ୟ ସାମଗ୍ରୀ ସବୁର ଉତ୍ପାଦନ ଦିଗରେ ଉତ୍ସାହ ସୃଷ୍ଟି କରିବା ହେଉଛି ଏହାର ମୁଖ୍ୟଲକ୍ଷ୍ୟ। ଓଡ଼ିଶା ଏକ କୃଷି ଭିତ୍ତିକ ରାଜ୍ୟ। ତଥ୍ୟ ଅନୁଯାୟୀ, ଦେଶରେ ଯେତିକି ବାଉଁଶ ଜଙ୍ଗଲ ରହିଛି ତାହାର ୯ ପ୍ରତିଶତ ରହିଛି ଓଡ଼ିଶାରେ। ବାଉଁଶ ତିଆରି ସାମଗ୍ରୀ ବ୍ୟବହାର ନିମନ୍ତେ

→











ସଚେତନତା ସୃଷ୍ଟି ଏବଂ ବଜାର ସୁଯୋଗ ସୃଷ୍ଟି କରିବା ହେଉଛି ଏହାର ମୁଖ୍ୟ କାର୍ଯ୍ୟ।

**ବିଶ୍ୱ ବାଉଁଶ ଦିବସ :** ପ୍ରତିବର୍ଷ ସେପ୍ଟେମ୍ବର ୧୮ତାରିଖରେ ପାଳିତ ହୋଇଥାଏ 'ବିଶ୍ୱ ବାଉଁଶ ଦିବସ'। ବାଉଁଶ ଜଙ୍ଗଲ ବୃଦ୍ଧି ତଥା ବାଉଁଶର ବ୍ୟବହାର ସମ୍ପର୍କରେ ସଚେତନତା ସୃଷ୍ଟି ହେଉଛି ଏହି ଦିବସର ଉଦ୍ଦେଶ୍ୟ। ତଥ୍ୟ ଅନୁଯାୟୀ, ବାଉଁଶ ଉତ୍ପାଦନରେ ଚୀନ୍ ବିଶ୍ୱ ତାଲିକାର ପ୍ରଥମରେ ଥିବା ବେଳେ ଏହା ତଳକୁ ରହିଛି ଭାରତ। ଭାରତରେ ପ୍ରାୟ ୫୮ କିସମର ବାଉଁଶ ରହିଛି। ବାଉଁଶ ଚାଷର ଉନ୍ନତି ପାଇଁ ଆମ ଦେଶରେ ବାମ୍ବୋ ମିଶନ କାର୍ଯ୍ୟ କରୁଛି। ଭାରତୀୟ ସ୍ଥଳଭାଗର ପ୍ରାୟ ୧୩ ପ୍ରତିଶତ ଅଞ୍ଚଳକୁ ଘେରି ରହିଛି ବାଉଁଶ। ଭାରତରେ ବାଉଁଶ ଉତ୍ପାଦର ପରିମାଣ ବାର୍ଷିକ ୫ ମିଲିୟନ ଟନ୍। ପ୍ରାୟ ୮.୬ ମିଲିୟନ ଭାରତୀୟ ବାଉଁଶ ଓ ବାଉଁଶଜାତ ଜିନିଷକୁ ଜୀବିକା କରି ବଞ୍ଚିଛନ୍ତି। ବର୍ଷା ଋତୁରେ ଏହା ଦୈନିକ ୧ଫୁଟ୍ ବଢ଼ିବାର ଦକ୍ଷତା ଅଛି। ଆମ ଦେଶରେ ଉତ୍ତର ପୂର୍ବାଞ୍ଚଳ ଯଥା– ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଛତିଶଗଡ଼, ଓଡିଶା, କର୍ନାଟକ, ଉତ୍ତରାଖଣ୍ଡ, ବିହାର, ଝାଡଖଣ୍ଡ, ଆସାମ, ଆନ୍ଧ୍ର ପ୍ରଦେଶ, ତେଲଙ୍ଗାନା, ଗୁଜରାଟ, ତାମିଲନାଡୁ, କେରଳ ଭଳି ରାଜ୍ୟରେ ବାଉଁଶ ଜଙ୍ଗଲ ଦେଖିବାକୁ ମିଳିଥାଏ।

**ସଙ୍କଟରେ କୁଟୀରଶିଳ୍ପ :** ଓଡ଼ିଶା ଏକ କୁଟୀରଶିଳ୍ପର ରାଜ୍ୟ। ଆଉ କୁଟୀରର ଶିଳ୍ପର ମୁଖ୍ୟ କଞ୍ଚାମାଲ ଥିଲା ବାଉଁଶ। ବାଉଁଶ ପାତିଆରୁ ପାଛିଆ, ଝୁଡି, ଡାଲା, କୁଲା, ତଲେଇ, ଚାରାଗଛ ପାଇଁ ଗୁରୁଡି ତିଆରି ହୁଏ। ଗ୍ରାମାଞ୍ଚଳର କେତେକ ନିର୍ଦ୍ଦିଷ୍ଟ ଜାତିର କାରିଗରଙ୍କର ଏହା ଏକ ବେଉସା। ବିଞ୍ଚଣା ତାଳପତ୍ରରୁ ତିଆରି ହେଉଥିବା ବେଳେ ଏହାର କାଠି ଓ ନଳ ବାଉଁଶରେ ତିଆରି ହୋଇଥାଏ। ବନିଶୀ ଖଡା, ପୋହଳ, ଲଞ୍ଜା, ଅନ୍ଧୁଲି, ଖାଲୋଇ ଆଦି ପାରମ୍ପରିକ ମାଛଧରା ଯନ୍ତ୍ର ବାଉଁଶରୁ ତିଆରି । ବାଉଁଶ ପାତିଆକୁ ଚିରି ରଙ୍ଗ ଓ ଅଠା ଦେଇ ବିଭିନ୍ନ ସାଜସଜ୍ଜା ସାମଗ୍ରୀ ପ୍ରସ୍ତୁତ ହୋଇଥାଏ। ଆଉ ଏସବୁ ମଧ୍ୟ କୁଟୀରଶିଳ୍ପର ଗୋଟିଏ ଗୋଟିଏ ଅଂଶ। କଞ୍ଚା ବାଉଁଶ ନଳରେ ତେଲ ମସଲା ଗୋଳା ମାଂସ ପୂରାଇ ସେହି ବାଉଁଶ ନଳକୁ ନିଆଁରେ ପୋଡ଼ି ଏକପ୍ରକାର ସ୍ୱାଦିଷ୍ଟ ଓଡ଼ିଆ ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଥାଏ। ଆଦିବାସୀ ଜନଜାତିର ଲୋକମାନେ ଧନୁ ଓ ତୀରରେ ଶିକାର କରି ଥାଆନ୍ତି। ତେବେ ଅଧିକାଂଶ ଅଞ୍ଚଳରେ ବାଉଁଶର ଅଭାବ ଏସବୁ ଗ୍ରାମୀଣ ଶିଳ୍ପ ତଥା କାର୍ଯ୍ୟରେ ବାଧକ ସୃଷ୍ଟି ହେଲାଣି । ପୋକଲାଗି ବାଉଁଶ ବୁଦା ସଫା ହୋଇଗଲାଣି। ଫଳରେ ଏହା ଉପରେ ନିର୍ଭର କରି ଚଳୁଥିବା ଲୋକମାନେ ବୃତ୍ତିର ସଙ୍କଟରେ ଘାରି ହେବାକୁ ଲାଗିଲେଣି।

**ବିକଳ୍ପ ଗ୍ରାହକଙ୍କୁ ସୁହାଉଛି :** ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ମହୁଲିଆ ଜେନା ସାହିର ବାଉଁଶ କାରିଗର ଦଶରଥ ଜେନା ପ୍ରାୟ ୨୫ବର୍ଷ ହେବ ପାଛିଆ ଝଙ୍କା, ଝୁଡି, ଦଣ୍ଡୁରି ଆଦି ତିଆରି କରି ସ୍ଥାନୀୟ ବଜାରରେ ବିକ୍ରି କରି ନିଜର ୫ ଜଣିଆ ପରିବାର ଚଳାନ୍ତି। ପରିବାରର ଅନ୍ୟ ସଦସ୍ୟମାନେ ଏ କାମରେ ସହଯୋଗ କରୁଛନ୍ତି। ସେ କୁହନ୍ତି, କୃଷି ଶ୍ରମିକ ମଜୁରି ଓ ବାଉଁଶର ଦର ବୃଦ୍ଧି ସାଙ୍ଗକୁ ବାଉଁଶ ତିଆରି ଜିନିଷର ଚାହିଦା ହ୍ରାସ ଆମ ବେପାରକୁ ମାନ୍ଦା କରିଛି । ବାଉଁଶ ତିଆରି ଦ୍ରବ୍ୟର ବିକଳ୍ପ ଭାବରେ ଏବେ ପ୍ଲାଷ୍ଟିକ ଜିନିଷ ମିଳିଯାଉଛି। ବାଉଁଶ ଗୋଟାକୁ ୧୨୦ରୁ ୧୫୦ ଟଙ୍କାରେ କିଣିବାକୁ ପଡୁଛି। କଣି ଗୋଟାକୁ ୨ଟଙ୍କାରେ କିଣା ଯାଉଛି। ଫଳରେ ବାଉଁଶରୁ ତିଆରି ଜିନିଷର ଦାମ ବଢୁଛି। ଝଙ୍କା ଗୋଟାକ ୮୦ ଟଙ୍କା, ଝୁଡି ଗୋଟାକ ୧୨୦ଟଙ୍କା ଦାମ୍‌ରେ ବଜାରରେ ବିକ୍ରି ହେଉଛି। ଗରାଖ ଅଧିକ ଦରରେ ବାଉଁଶ ତିଆରି ଜିନିଷ କ୍ରୟ କରିବାକୁ ଅମଙ୍ଗ ହେଉଛନ୍ତି। ୨୦ବର୍ଷ ତଳେ ଏହି ବେପାରରୁ ଆମର ପରିବାର ଚଳି ଯାଉଥିବା ବେଳେ ଏବେ ଏ କାମରୁ ମନଛାଡି ଗଲାଣି । ପୁରୁଷାନୁକ୍ରମେ ଚାଲି ଆସିଥିବା କୌଳିକ ବୃତ୍ତିକୁ ଆପଣାଇବାକୁ ପିଲାମାନେ ରାଜି ହେଉନାହାନ୍ତି । ଚାନ୍ଦବାଲି ବ୍ଲକର ମହୁଲିଆ, ନିଶ୍ଚିନ୍ତା, ଉଗ୍ରତରା ଓ ମାଣିପୁର ଗାଁର ହାତ ଗଣତି କେଇଜଣ ଏ ବୃତ୍ତିକୁ ନାମକୁମାତ୍ର ବଞ୍ଚାଇ ରଖିଛନ୍ତି। ଏ ବେପାରରେ ସରକାରୀ ସହାୟତା ମିଳୁନାହିଁ ।

**ବାଉଁଶ କାରିଗରିର ଅନ୍ତୁଡ଼ିଶାଳ – ମାଲକାନଗିରି :** ପୂର୍ବ ପୁରୁଷରୁ ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକମାନେ ସେମାନଙ୍କର ଦୈନନ୍ଦିନ ଜାଳେଣି ସହ ଘର ତିଆରି ଏବଂ ବିଭିନ୍ନ ଘରୋପକରଣ ନିମନ୍ତେ ପ୍ରାକୃତିକ ଜଙ୍ଗଲରୁ ବାଉଁଶ ସଂଗ୍ରହ କରି ନିଜର ଆବଶ୍ୟକତା ପୂରଣ କରୁଥିଲେ। ଏପରି କି ବର୍ଷାଦିନେ ଆଦିବାସୀ ବହୁଳ ଜଙ୍ଗଲ ଅଞ୍ଚଳରେ ବସବାସ କରୁଥିବା ବିଭିନ୍ନ ସମ୍ପ୍ରଦାୟର ଲୋକମାନେ ବାଉଁଶ ଗଜା କରଡିକୁ ଖାଦ୍ୟ ଭାବେ ବ୍ୟବହାର କରୁଥିଲେ। କାଳକ୍ରମେ ଆମ ରାଜ୍ୟ ଓ ଦେଶ ପାଇଁ ବିଭିନ୍ନ କାଗଜକଳ ନିମନ୍ତେ ବାଉଁଶର ଆବଶ୍ୟକତା ପଡୁଥିବାରୁ ବାଉଁଶ ଜଙ୍ଗଲର ସୁରକ୍ଷା, ବାଉଁଶ ଉତ୍ପାଦନ ଏବଂ କାଗଜ ପ୍ରସ୍ତୁତିରେ ବାଉଁଶ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଛି। ଏହାଦ୍ୱାରା ଦେଶରେ ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି ବିଭିନ୍ନ ସରକାରୀ ବେସରକାରୀ କାର୍ଯ୍ୟାଳୟ, ଶିଳ୍ପ ସଂସ୍ଥାଗୁଡିକରେ ବହୁଳ ପରିମାଣରେ କାଗଜ ବ୍ୟବହାର କରାଯାଉଥିଲା। କାଳକ୍ରମେ ଜନସଂଖ୍ୟା ବୃଦ୍ଧି ଏବଂ ଜଙ୍ଗଲ ଅଞ୍ଚଳରେ ବିଭିନ୍ନ ଶିଳ୍ପ ପ୍ରତିଷ୍ଠାନ, ରେଳ ଲାଇନ, ଟେଲିଫୋନ୍, ବିଦ୍ୟୁତ୍, ରାସ୍ତାଘାଟ ଉନ୍ନୟନ କାର୍ଯ୍ୟ ଯୋଗୁ ଜଙ୍ଗଲ ପରିମାଣ ହ୍ରାସ ପାଇବା ଏବଂ କାଳକ୍ରମେ ପ୍ରାକୃତିକ ବାଉଁଶ ଜଙ୍ଗଲରେ ବାଉଁଶ ଲୋପ ପାଇବା ଯୋଗୁ ଏହା ବର୍ତ୍ତମାନ ଚିନ୍ତାର ବିଷୟ ହୋଇଛି। ବାଉଁଶ ଅଭାବରୁ ଅନେକ କାଗଜ କଳ ବନ୍ଦ ହୋଇଯିବା ସହ ବାଉଁଶ କାରିଗରମାନେ ସେମାନଙ୍କ କୌଳିକ ବୃତ୍ତିକୁ ଭୁଲିଗଲେଣି।

**ଖୁବ୍‌ଶୀଘ୍ର ସୁଧୁରିବ ଅବସ୍ଥା :** ମାଲକାନଗିରି ଜିଲାରେ ବାଉଁଶ ଜଙ୍ଗଲ ସୁରକ୍ଷା ପାଇଁ ୪ ହଜାର ହେକ୍ଟର ବାଉଁଶ ଜଙ୍ଗଲକୁ ସୁରକ୍ଷା ଏବଂ ଗଛଗୁଡିକର ଲାଳନ ପାଳନ ପାଇଁ ବ୍ୟବସ୍ଥା କରାଯାଇଛି। ସେହିପରି ବିଭିନ୍ନ ଗ୍ରାମାଞ୍ଚଳରେ ଥିବା ବାଉଁଶ କାରିଗରମାନଙ୍କୁ ଚିହ୍ନଟ କରାଯାଇ ତାଲିମ ପ୍ରଦାନ କରାଯାଉଛି। ସବୁଠାରୁ ଉଲ୍ଲେଖନୀୟ କାର୍ଯ୍ୟ ହେଲା ମାଲକାନଗିରି ଜିଲା କାଲିମେଳା ବ୍ଲକର ଏମ୍.ଭି. ୧୦୭ ଗ୍ରାମର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ 'ରାଧାରାଣୀ ବାଉଁଶ ସାମଗ୍ରୀ ପ୍ରସ୍ତୁତି ସଂସ୍ଥା'ର ଅଞ୍ଜନା ସେନା, ପାର୍ବତୀ ସାନା, ଅଳୀ ସାନା, ସୁନିତା ସରକାର, ରେବତୀ ସେନା ଏବଂ ଅନ୍ୟମାନେ ତାଲିମ ପାଇଲା ପରେ ନିଜସ୍ୱ ଅର୍ଥରେ ବିଭିନ୍ନ ପ୍ରକାର ଘର ସାମଗ୍ରୀ ଉପକରଣ ପ୍ରସ୍ତୁତ କରି ଦୁଇମାସ ପୂର୍ବରୁ ଜିଲା ପ୍ରଶାସନ ତରଫରୁ ତେଲଙ୍ଗାନାର ହାଇଦ୍ରାବାଦଠାରେ ଏକ କାର୍ଯ୍ୟକ୍ରମରେ ମାଲକାନଗିରି ଜିଲାର ଏହି ସାମଗ୍ରୀକୁ ପ୍ରଦର୍ଶିତ କରିବା ସହ ବିକ୍ରି କରି ଭଲ ରୋଜଗାର କରିଥିଲେ। ଆସନ୍ତା ମାସରେ ଅନୁଷ୍ଠିତ ହେବାକୁ ଥିବା ମାଲ୍ୟବନ୍ତ ମହୋତ୍ସବରେ ଏହି ମହିଳା ସ୍ୱୟଂସହାୟକ ଗୋଷ୍ଠୀକୁ ତାଙ୍କର ବାଉଁଶ ସାମଗ୍ରୀ ବିକ୍ରି କରିବା ପାଇଁ ଜିଲା ପ୍ରଶାସନ ତରଫରୁ ସ୍ୱତନ୍ତ୍ର ଷ୍ଟଲ ଏବଂ ପ୍ରଚାର ପ୍ରସାରର ବ୍ୟବସ୍ଥା କରା ଯାଇଛି। ବର୍ତ୍ତମାନ ବିଭିନ୍ନ ଅଞ୍ଚଳର ଲୋକମାନେ ନିଜ ନିଜ ବାଡିରେ ଉନ୍ନତମାନର ବାଉଁଶ ଚାଷ କରିବା ପାଇଁ ଆଗେଇ ଆସୁଛନ୍ତି । ଏହି ହିତାଧିକାରୀମାନଙ୍କୁ ବନ ବିଭାଗ ତରଫରୁ ଆର୍ଥିକ ଅନୁଦାନ ସହ ବାଉଁଶ ରୋପଣ ଏବଂ ବାଉଁଶରେ ତିଆରି ବିଭିନ୍ନ ସାମଗ୍ରୀ ପାଇଁ ତାଲିମ ଦିଆଯାଉଛି।

**– ରାଜେନ୍ଦ୍ର ରାଉଳ**
**ଅଶୋକ ପଣ୍ଡା (ଚାନ୍ଦବାଲି)**
**ଦୁର୍ଯ୍ୟୋଧନ ପାତ୍ର (ମାଲକାନଗିରି)**







# ଶୀତ ପାଇଁ ଟ୍ରେଣ୍ଡି ଷ୍ଟୋଲ୍

**ଶୀତଦିନେ ଅନେକେ ଥଣ୍ଡାରୁ ରକ୍ଷା ପାଇବା ପାଇଁ କୋଟ୍, ଜ୍ୟାକେଟ୍, ୱିଣ୍ଟର୍ କ୍ୟାପ୍, ଗ୍ଲୋଭ୍ସ ତଥା ସକ୍ସ ଇତ୍ୟାଦି ପିନ୍ଧିଥାନ୍ତି। ଏହି ସବୁ ଜିନିଷ ଶୀତଦିନ ପାଇଁ ଯେତିକି ଜରୁରୀ ଷ୍ଟୋଲ୍‌ର ବ୍ୟବହାର ମଧ୍ୟ ସେତିକି ଆବଶ୍ୟକ। କାରଣ ଷ୍ଟୋଲ୍ ବି କେତେକାଂଶରେ ଆମକୁ ଶୀତରୁ ରକ୍ଷା କରିବା ସହ ଆମର ପର୍ସନାଲିଟିକୁ ବଢ଼ାଇବାରେ ସାହାଯ୍ୟ କରିଥାଏ। ତେବେ ଷ୍ଟୋଲ୍‌ର କ'ଣ ସବୁ ଲାଟେଷ୍ଟ ଟ୍ରେଣ୍ଡ ରହିଛି, ଆସନ୍ତୁ ଜାଣିବା ସେ ସମ୍ପର୍କରେ...**





**ଲିଓପାର୍ଡ ପ୍ରିଣ୍ଟ ଷ୍ଟୋଲ୍:** ଲିଓପାର୍ଡ ପ୍ରିଣ୍ଟ ଯେ କୌଣସି ଆଉଟ୍‌ଫିଟ୍‌କୁ ଡିଫରେଣ୍ଟ ଲୁକ୍ ଦେଇଥାଏ। ଏହି କଥାକୁ ଧ୍ୟାନରେ ରଖି ଏଥରର ଶୀତଦିନ ପାଇଁ ଖାସ୍ କରି ଲିଓପାର୍ଡ ପ୍ରିଣ୍ଟ ବାଲା ଷ୍ଟୋଲ୍‌କୁ ମାର୍କେଟ୍‌କୁ ଅଣାଯାଇଛି, ଯାହାର ଖୁବ୍ ଚାହିଦା ରହୁଥିବା ମଧ୍ୟ ପରିଲକ୍ଷିତ ହେଉଛି। ଖାସ୍ କରି ଏହି ଷ୍ଟୋଲ୍‌କୁ ଟ୍ରେଞ୍ଚ କୋଟ୍ କିମ୍ବା ଯେକୌଣସି ଉଲେନ୍ ଟପ୍ସ ସହ ମ୍ୟାଚ୍ କରି ପିନ୍ଧିଲେ ଶୀତରୁ ରକ୍ଷା ପାଇବା ସହ କ୍ଲାସି ଲୁକ୍ ମିଳିଥାଏ।

**ପମ୍ ପମ୍ ଷ୍ଟୋଲ୍:** ପମ୍ ପମ୍ ଡିଜାଇନ୍‌ର ଜୁଏଲେରି ଓ ଆଉଟ୍‌ଫିଟ୍ ତ ଅନେକ ଟ୍ରାଏ କରିଥିବେ, ଏଥର ଟିକେ ପମ୍ ପମ୍ ଡିଜାଇନ୍ ବାଲା ଷ୍ଟୋଲ୍‌କୁ ତ ବ୍ୟବହାର କରନ୍ତୁ। ଏହା ବି ଖୁବ୍ ସୁନ୍ଦର ଦେଖାଯାଇଥାଏ। ବିଶେଷକରି ସିମ୍ପଲ୍ କାମ ହୋଇଥିବା ଉଲେନ୍ ଟପ୍ସ ସହ ଏହା ଭଲ ମାନିଥାଏ।

**ଫକ୍ସ ଫର୍ ନେକ୍ ୱାର୍ମର୍:** ଏହି ଷ୍ଟୋଲ୍ ମୁଖ୍ୟତଃ ଦେଖିବାକୁ ଲୋମଶ ଡିଜାଇନ୍‌ର ହୋଇଥାଏ। ଯାହାକୁ ଷ୍ଟାଇଲ୍‌ରେ ବେକ ଚାରିପଟେ ପକାଇଲେ ବେକ ଓ ଗାଲକୁ ବେଶ୍ କୋମଳ ଲାଗିବା ସହ ମଡର୍ନ ଲୁକ୍ ମିଳିଥାଏ। ତା' ସହିତ ଏହାକୁ ବ୍ୟବହାର କଲେ ଶରୀରକୁ ଉଷୁମ ବି ଲାଗିଥାଏ। ତେବେ ଏହି ଷ୍ଟାଇଲିଶ୍ ଷ୍ଟୋଲ୍‌କୁ ବ୍ଲେଜର୍, କୋଟ୍ କିମ୍ବା ପାର୍ଟି ଡ୍ରେସ୍ ସହ ମ୍ୟାଚିଂ କରି ପିନ୍ଧିଲେ ଆଟ୍ରାକ୍ଟିଭ୍ ଲୁକ୍ ମିଳିଥାଏ।

**ମଲ୍ଟିକଲର୍ ଷ୍ଟୋଲ୍:** ଆପଣ ଚାହିଁଲେ ମଲ୍ଟିକଲର୍ ଷ୍ଟୋଲ୍‌କୁ ବି ଏହି ଶୀତଦିନେ ବ୍ୟବହାର କରିପାରିବେ। ଏହା କେବେ ବି ଆଉଟ୍ ଅଫ୍ ଫ୍ୟାଶନ ହୁଏ ନାହିଁ। ତା'ଛଡ଼ା ଏହାକୁ ଯେ କୌଣସି ଡ୍ରେସ୍ ସହ ମ୍ୟାଚିଂ କରି ବି ବ୍ୟବହାର କରିହୁଏ। ଆପଣ ଚାହିଁଲେ ଏହାକୁ ଉଲେନ୍ ଟପ୍ସ କିମ୍ବା ବ୍ଲେଜର୍ ଅବା ଶାଢ଼ି ସହିତ ବି ଟ୍ରାଏ କରିପାରିବେ। ସେହିପରି ଏହି ଗେଟ୍‌ଅପ୍ ସହିତ ଲଙ୍ଗ୍ ବୁଟ୍ସ ପିନ୍ଧିଲେ ଲୁକ୍ ଆହୁରି ଆକର୍ଷଣୀୟ ଲାଗିଥାଏ।

**ଫ୍ଲୋରାଲ୍ ଡିଜାଇନ୍ ଷ୍ଟୋଲ୍:** ଫ୍ଲୋରାଲ୍ ପ୍ରିଣ୍ଟ ଆଉଟ୍‌ଫିଟ୍ ସବୁବେଳେ ରିଫ୍ରେଶିଙ୍ଗ୍ ଲୁକ୍ ଦେଇଥାଏ। ସେହି ଅନୁଯାୟୀ, ଫ୍ଲୋରାଲ୍ ଡିଜାଇନ୍‌ର ଷ୍ଟୋଲ୍ ବି ଲୁକ୍‌କୁ ଆଟ୍ରାକ୍ଟିଭ୍ କରିବା ସହ ଶୀତ ଦାଉରୁ ବି ରକ୍ଷା ଦେବାରେ ଅନେକ ସାହାଯ୍ୟ କରିଥାଏ। ଖାସ୍ କରି ବେକ ଚାରିପଟେ ଏହି ଡିଜାଇନ୍‌ର ଷ୍ଟୋଲ୍‌କୁ ଷ୍ଟାଇଲିଶ୍ ଭାବେ କ୍ୟାରି କଲେ ଲୁକ୍ ଅଧିକ ସୁନ୍ଦର ଦେଖାଯାଇଥାଏ।

**ଏମ୍ବ୍ରୋଡୋରୀ ଷ୍ଟୋଲ୍:** ଏମ୍ବ୍ରୋଡୋରୀ କାମ ହୋଇଥିବା ଯେ କୌଣସି ଆଉଟ୍‌ଫିଟ୍ ଷ୍ଟାଇଲିଶ୍ ଲୁକ୍ ଦେଇଥାଏ। ଠିକ୍ ସେମିତି ଏମ୍ବ୍ରୋଡୋରୀ କାମ ହୋଇଥିବା ଷ୍ଟୋଲ୍ ବି ଲୁକ୍‌କୁ ସୁନ୍ଦର କରିବାରେ ବେଶ୍ ସହାୟକ ହୋଇଥାଏ। ତେବେ ଏହି ଷ୍ଟାଇଲ୍‌ର ଷ୍ଟୋଲ୍‌କୁ ଖାସ୍ କରି ସାଲୱାର୍ କମିଜ୍ କିମ୍ବା ଲଙ୍ଗ୍ ସ୍କର୍ଟ ଓ ଟପ୍ସ ସହ ପେୟାର୍ କରି ପିନ୍ଧିଲେ ସୁନ୍ଦର ଦେଖାଯାଇଥାଏ।












# ରାମବୃକ୍ଷ ବେନିପୁରୀ






'ପୁଷମାସର ସକାଳ। ଖଳାରେ ଧାନ ଗଦାହେଇ ପଡ଼ିଥିଲା। ଘର ଆଗରେ ଧୁନି ଜଳୁଥିଲା। ଚାରିଆଡ଼େ କୁହୁଡ଼ି ଛାଇଯାଇଥିଲା। ଆକାଶରେ ସୂର୍ଯ୍ୟ ଦେଖା ଯାଉଥିଲେ। ତେବେ ଏମିତି ଲାଗୁଥିଲା ଯେମିତି ସକାଳର କୁହୁଡ଼ିକୁ ଭେଦକରି ପୃଥିବୀକୁ ଆସିବା ପାଇଁ ବାଳସୂର୍ଯ୍ୟଙ୍କର କିରଣକୁ ବହୁ କଷ୍ଟ କରିବାକୁ ପଡୁଥିଲା। ଧୀରେ ଧୀରେ ପବନ ବହୁଥିଲା। ଦେହରେ ଥଣ୍ଡା ପବନ ବାଜି କଳିଜାକୁ ଥରେଇ ଦେଉଥିଲା।'

ଏମିତି ଅତ୍ୟନ୍ତ ସରଳ ତଥା ନିଷ୍କପଟ ଭାବରେ କାହାଣୀ ଆରମ୍ଭ କରୁଥିବା ଜଣେ ଭାରତୀୟ ସାହିତ୍ୟିକ ହେଉଛନ୍ତି ରାମବୃକ୍ଷ ବେନିପୁରୀ। ଯେତେବେଳେ ଭାରତବର୍ଷରେ କାହାଣୀ ତଥା ଶୈଳୀକୁ ନେଇ ପରୀକ୍ଷା ନିରୀକ୍ଷା ଆରମ୍ଭ ହୋଇ ନ ଥିଲା ଠିକ୍ ସେତିକିବେଳେ ହିଁ ଲେଖା ଆରମ୍ଭ କରିଥିଲେ ରାମବୃକ୍ଷ। ଆଉ ନିଜର ସହଜ, ସରଳ, ଜୀବନ୍ତ ଶବ୍ଦ ସଂଯୋଜନା ପାଇଁ ସେ ପାଠକମାନଙ୍କ ହୃଦୟ ଜିତି ପାରିଥିଲେ।

**ଜନ୍ମ ଓ ପ୍ରାଥମିକ ଜୀବନ:** ବିହାରର ମୁଜାଫରପୁର ଜିଲାରେ ୧୯୦୨ ମସିହାରେ ଜନ୍ମ ହୋଇଥିଲେ ରାମବୃକ୍ଷ ବେନିପୁରୀ। ସେ ଥିଲେ ଜଣେ କୃଷକ ବାପାର ସନ୍ତାନ। ବାପାମା'ଙ୍କର ସ୍ନେହ ପାଇବାର ଭାଗ୍ୟ ତାଙ୍କର ନ ଥିଲା। କାରଣ ସେ ଅଳ୍ପ ବୟସର ହୋଇଥିବା ବେଳେ ବାପାମା'ଙ୍କ ଦେହାନ୍ତ ଘଟିଥିଲା। ଜଣେ ମାଉସୀ ତାଙ୍କୁ ଲାଳନପାଳନକରି ବଡ଼ କରିଥିଲେ। ପିଲାଟି ବେଳରୁ ମେଧାବୀ ଥିଲେ ରାମବୃକ୍ଷ। ତେବେ ଏହା ସେହି ସମୟର କଥା ଯେତେବେଳେ ସମଗ୍ର ଭାରତବର୍ଷରେ ସ୍ୱରାଜ ଆନ୍ଦୋଳନର ପବନ ପ୍ରବାହିତ ହେଉଥିଲା। ଜାତିର ପିତା ମହାତ୍ମା ଗାନ୍ଧୀ ସେତିକିବେଳେ ଅସହଯୋଗ ଆନ୍ଦୋଳନର ଡାକରା ଦେଲେ। ସେହି ଡାକରା ରାମବୃକ୍ଷଙ୍କୁ ଅତିମାତ୍ରାରେ ପ୍ରବାହିତ କରିଥିଲା। ଆଉ ସେ ପାଠପଢ଼ା ଛାଡ଼ି ଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନରେ ସାମିଲ ହୋଇଗଲେ। ସେ ଖାଲି ଆନ୍ଦୋଳନରେ ସାମିଲ ହେଲେ ନାହିଁ, କିପରି ଅଧିକରୁ ଅଧିକ ଲୋକ ସ୍ୱାଧୀନତା ସଂଗ୍ରାମରେ ଯୋଗଦେବେ ସେଥିଲାଗି ଅଣ୍ଟା ଭିଡ଼ି ଲାଗିପଡ଼ିଲେ। ଫଳରେ ତାଙ୍କୁ ବାରମ୍ବାର ଜେଲ ଯିବାକୁ ପଡ଼ିଲା। ସ୍ୱାଧୀନତାପ୍ରାପ୍ତି ବେଳକୁ ସେ ପାଲଟିଯାଇଥିଲେ ଜଣେ ପୋଖତ ରାଜନେତା। ତେବେ ସେ ଯେ ପାଠପଢ଼ା ସମ୍ପୂର୍ଣ୍ଣ ଛାଡ଼ି ଦେଇଥିଲେ ସେକଥା ନୁହେଁ, ମଝିରେ ମଝିରେ ଅଧ୍ୟୟନ ଜାରି ରଖିଥିଲେ। ଆଉ ହିନ୍ଦୀରେ ବିଶାରଦ ପାଠ୍ୟକ୍ରମ ଶେଷ କରିଥିଲେ। ସ୍ୱାଧୀନତା ପରେ ସେ 'ସମାଜବାଦୀ ପାର୍ଟିରେ ଯୋଗଦେଲେ ଆଉ ବିଧାନସଭାକୁ ମଧ୍ୟ ନିର୍ବାଚିତ ହେଲେ।

**'ରାମଚରିତ ମାନସ'ରୁ ସାହିତ୍ୟ :** 'ରାମଚରିତ ମାନସ' ଥିଲା ତାଙ୍କର ଅତି ପ୍ରିୟ ପୁସ୍ତକ। ତାହାକୁ ସେ ବାରମ୍ବାର ପାଠ କରୁଥିଲେ। ଆଉ ଚରମ ତୃପ୍ତି ହାସଲ କରୁଥିଲେ। ଏହି 'ରାମଚରିତ ମାନସ' ହିଁ ତାଙ୍କୁ ଜଣେ ସାହିତ୍ୟିକ ହେବାର ପ୍ରେରଣା ଯୋଗାଇଥିଲା। ସାହିତ୍ୟ ତାଙ୍କ ପାଇଁ ଏକ ସେବା ସଦୃଶ ଥିଲା। ସେ ରାଜନୀତି କରି ମଧ୍ୟ ରାଜନୀତିରୁ କୌଣସି ପ୍ରାପ୍ତି ଆଶା କରୁ ନ ଥିଲେ। ସେଥିଲାଗି ରାଜନୀତିରୁ ସମୟ କାଟଛାଣ୍ଟକରି ସାହିତ୍ୟ ସର୍ଜନାରେ ଲାଗି ପଡ଼ିଥିଲେ। ସେ ସ୍ୱାଧୀନତା ପୂର୍ବର ଭାରତବର୍ଷକୁ ଦେଖିଥିଲେ। ଆଉ ସ୍ୱାଧୀନତା ପରବର୍ତ୍ତୀ ଭାରତବର୍ଷକୁ ମଧ୍ୟ ପ୍ରତ୍ୟକ୍ଷ ଭାବରେ ଦେଖିଲେ। ସ୍ୱାଧୀନତା ପାଇବା ପରେ ଲୋକମାନଙ୍କର ମାନସିକତା କିଭଳି ପରିବର୍ତ୍ତନ ହୋଇଗଲା, ଦେଶର ସାମାଜିକତାରେ କିଭଳି ପରିବର୍ତ୍ତନ ଘଟିଲା ତାହାକୁ ନେଇ ଖୁବ୍ ବ୍ୟଥିତ ହୋଇଥିଲେ ରାମବୃକ୍ଷ। କହିବା ବାହୁଲ୍ୟ ସେହି ସବୁକୁ ସେ ତାଙ୍କ ସାହିତ୍ୟର କଞ୍ଚାମାଲ ଭାବରେ ବ୍ୟବହାର କରିଥିଲେ।

**ସଫଳ ଗଦ୍ୟ ଲେଖକ :** ରାମବୃକ୍ଷ ବେନିପୁରୀ ଜଣେ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ। ସେ ଗପ, ନାଟକ, ଉପନ୍ୟାସ, ରେଖାଚିତ୍ର, ସମାଲୋଚନା, ପ୍ରବନ୍ଧ, ଲଳିତ ନିବନ୍ଧ, ରମ୍ୟରଚନା ଲେଖି ଭାରତୀୟ ଭାଷା ସାହିତ୍ୟକୁ ବହୁଭାବରେ ସମୃଦ୍ଧ କରିଛନ୍ତି। ପନ୍ଦରବର୍ଷ ବୟସରେ ସେ ତାଙ୍କର ଲେଖାଲେଖି ଆରମ୍ଭ କରିଥିଲେ। ମୁଖ୍ୟତଃ ଗଳ୍ପ ଲେଖୁଥିଲେ ରାମବୃକ୍ଷ। ଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନ ଡାକରାରେ ଅନୁପ୍ରାଣିତ ହୋଇ ସ୍ୱାଧୀନତା ସଂଗ୍ରାମରେ ଯୋଗଦେବା ପରେ ପତ୍ରପତ୍ରିକା ସମ୍ପାଦନ ଦାୟିତ୍ୱ ତାଙ୍କ ଉପରେ ପଡ଼ିଲା। ସ୍ୱାଧୀନତା ପରେ ସେ ମଧ୍ୟ କିଛିକାଳ ପାଇଁ ବିଭିନ୍ନ ପତ୍ରପତ୍ରିକାର ସମ୍ପାଦନା ଦାୟିତ୍ୱ ଗ୍ରହଣ କରିଥିଲେ। ଆଉ ଏହି ପତ୍ରିକା ସମ୍ପାଦନା ହିଁ ତାଙ୍କର ଲେଖିବାର ଝୁଙ୍କ୍‌କୁ ବଢ଼େଇ ଦେଇଥିଲା। ସେ ଗଦ୍ୟ ରଚନା ପ୍ରତି ଆକୃଷ୍ଟ ହୋଇଥିଲେ ଏବଂ ଗଦ୍ୟ ବିଭାଗର ସମସ୍ତ ରଚନାରେ ହାତ ଦେଇ ଜଣେ ସଫଳ ଗଦ୍ୟ ଲେଖକର ମର୍ଯ୍ୟାଦା ହାସଲ କରିଥିଲେ।

**ଅନ୍ୟ ଜଣେ ପ୍ରେମଚନ୍ଦ :** ରାମବୃକ୍ଷଙ୍କୁ ହିନ୍ଦୀ ସାହିତ୍ୟରେ ଜଣେ ମୂର୍ଦ୍ଧନ୍ୟ ଲେଖକ ଭାବରେ ବିବେଚନା କରାଯାଏ। ତାଙ୍କର ଭାଷାଶୈଳୀ ଅତ୍ୟନ୍ତ ସରଳ ଥିଲା। ସେ ଛୋଟ ଛୋଟ ବାକ୍ୟରେ ଲେଖୁଥିଲେ। ଯଥାସମ୍ଭବ ତାଙ୍କର ଲେଖାକୁ ସେ ଦୃଶ୍ୟ ସମ୍ବଳିତ କରିବାର ପ୍ରୟାସ କରୁଥିଲେ। ତାଙ୍କର ସାହିତ୍ୟ ସମ୍ଭାରକୁ ପ୍ରେମଚନ୍ଦଙ୍କ ସାହିତ୍ୟ ସମ୍ଭାର ସହ ତୁଳନା କରାଯାଇଥାଏ। ପ୍ରେମଚନ୍ଦଙ୍କ ଭଳି ସେ ମାଟିର ମଣିଷମାନଙ୍କ କଥା ଲେଖୁଥିଲେ। ସେମାନଙ୍କର ଦୁଃଖ, ଦୁର୍ଦ୍ଦଶା, ଦୟନୀୟତାର ଚିତ୍ରକୁ ଅତି ନିଖୁଣ ଭାବରେ ବର୍ଣ୍ଣନା କରୁଥିଲେ। ଏସବୁ ବ୍ୟତୀତ, ରାମବୃକ୍ଷଙ୍କ ରଚନାରେ ଭରି ରହିଥିଲା କାରୁଣ୍ୟ। ସ୍ୱାଧୀନତା ପରବର୍ତ୍ତୀ ଭାରତବର୍ଷର ବଦଳି ଯାଉଥିବା ଦୃଶ୍ୟକୁ ଦେଖି ସେ ନିଜ ଭିତରେ ଯେଉଁ ବ୍ୟଥା ତଥା ବେଦନା ଅନୁଭବ କରୁଥିଲେ ତାହାର ମାର୍ମିକ ଚିତ୍ରରୂପ ଦେଉଥିଲେ ନିଜର ଗଳ୍ପ, ଉପନ୍ୟାସ ତଥା ନାଟକରେ।

# ଅଲୋଡ଼ା ଜୀବନ

**–ବିଜୟ କୁମାର ପଣ୍ଡା**

କୁସୁମର କୁନି କୁନି ଓଠରେ ପ୍ରଶ୍ନର ସମ୍ଭାର। ଉତ୍ତର ଖୋଜି ପାଉ ନ ଥିଲା ସାବି।

: ମା'..ମା'.. ମୋ ବା' କିଏ, କଉଠି ଅଛି ? ବା' ଆମ ସହ କାହିଁକି ରହୁନି ! ବେଳକୁ ବେଳ କୁସୁମର ଏ ପ୍ରଶ୍ନ ଶୁଣି ଅଣନିଃଶ୍ୱାସୀ ହୋଇପଡୁଥାଏ ସାବି। ଛାତିରେ କିଏ କଣ୍ଟା ଫୋଡିଦେଲା ପରି ଲାଗୁଥାଏ ତାକୁ।

କୁସୁମ ଏବେ ସ୍କୁଲ ଗଲାଣି । ସକାଳୁ ତାକୁ ସ୍କୁଲରେ ଛାଡ଼ି ଆଖିଲୁହ ପୋଛି ଫେରୁଥାଏ ସାବି। କୁନି କୁନି ଓଠରେ ତା'ର ଗୁଲୁଗୁଲିଆ କଥା ଶୁଣି ସବୁ ଦୁଃଖ ଭୁଲି ଯାଏ ସେ। ହେଲେ, ତା'ର ବା' ବିଷୟରେ ଏଇ କେତୋଟି ପ୍ରଶ୍ନ ସାବି ହୃଦୟକୁ ଆଘାତ ଦେଉଥାଏ।

x x x

କେମିତିକା ମଣିଷର ହାତ ଧରିଥିଲା ସେ ? ବରଂ ଆଜୀବନ କୁଆଁରୀ ରହିବାର ଦୁଃଖ କିଛି କମ୍ ପଡିଥାନ୍ତା ! ଏମିତି କେତେ କ'ଣ ଭାବି ନିଜ ପୋଡ଼ା କପାଳକୁ ନିନ୍ଦୁ ଥାଏ ସେ। ବାହାଘରର ମାସ କେଇଟା ପରେ ଗର୍ଭବତୀ ହେଇଥିଲା ସାବି। ମନରେ ଥିଲା ଅସୁମାରି ସ୍ୱପ୍ନ। କଥାରେ କଥାରେ କେବେ ଶାଶୁ କୁହନ୍ତି ନାତି ଟୋକା ଆସିବ, ଘର ହସି ଉଠିବ। କଥାଟା ସାବିକୁ ବେଳେ ବେଳେ କାହିଁକି ଅଡୁଆ ଲାଗେ।

: ମା' ନାତି ଟୋକାର ସପନ ଦେଖୁଛନ୍ତି, ଯଦି ଭଗବାନ ଆମ କୋଳରେ ଝିଅଟେ ଦିଅନ୍ତି ତା'ହେଲେ ତୁମେ ଖୁସି ହେବ କି ନାହିଁ ? ସ୍ୱାମୀକୁ ପଚାରିଥିଲା ସାବି।

: ପୁଅ ଇଚ୍ଛାଥିଲେ ବି ଝିଅ ହେଲେ କିଛି ଚିନ୍ତା ନାହିଁ, ଏବେ ତୁ ମନଶାନ୍ତିରେ ରହ ଉତ୍ତର ଦେଇଥିଲା ସାବିର ସ୍ୱାମୀ। ସେଦିନ ସ୍ୱାମୀଙ୍କର ଏହି ଉତ୍ତରରେ କିଛିଟା ସାନ୍ତ୍ୱନା ପାଇଥିଲା ସାବି। ସେଦିନ ରାତିରେ ପ୍ରସବ ଯନ୍ତ୍ରଣା ଆରମ୍ଭ ହେଲା, ଗାଁ ପାଖାପାଖି ଡାକ୍ତରଖାନାଟେ ନାହିଁ। ବହୁ ସମୟ ସଂଘର୍ଷ ପରେ ଶିଶୁକନ୍ୟାଟିଏ ଜନ୍ମଦେଇ କିଛି ସମୟ ବେହୋସ ହୋଇଯାଇଥାଏ ସାବି। ହୋସ୍ ଆସିଲା ପରେ ଦେଖେ ତ, ପାଖରେ ଶାଶୁ ବସି କାନ୍ଦୁ ଥାନ୍ତି।

: ମୋ ଛୁଆ କାହିଁ ? ସାହସ ଧରି, ଛାତିରେ ହାତ ରଖି, ଭଗବାନଙ୍କୁ ଡାକି ସାବି ପଚାରିଲା।

: ମଲା ଛୁଆଟେ (ଝିଅ) ଜନ୍ମ ଦେଇଥିଲୁ, ତୋର ହୋସ୍ ବି ନ ଥିଲା। ଡେରି ନ କରି ରାତି ନ ପାହୁଣୁ ତାକୁ ନେଇ ପୋତି ଦେବାକୁ ଯାଇଛି ତୋ ସ୍ୱାମୀ, ଏଇ ଫେରୁଥିବ ବୋଧେ କହିଲେ ସାବିର ଶାଶୁ। ଛାତି ଫଟେଇ କାନ୍ଦୁ ଥିଲା ସାବି। ନିନ୍ଦୁ ଥିଲା ନିଜ ପୋଡ଼ା କପାଳକୁ।

ଗାଁରୁ କିଛି ଦୂର ଗଲେ ଆରମ୍ଭ ହୁଏ ଜଙ୍ଗଲ। ସାବିର ଶାଶୁ ଭଳି ସ୍ୱାମୀଙ୍କୁ ବି ପୁଅଟିଏ କାମନା ଥିଲା। ଝିଅ ଜନ୍ମ ହେଲା ପରେ ସକାଳର ସୂରୁଯ ଉଇଁବା ପୂର୍ବରୁ ସାବିର ସ୍ୱାମୀ ତାକୁ ଜଙ୍ଗଲ ସେପାଖ ପାହାଡ଼ ପାଖେ ଛାଡ଼ିଦେଇ ଆସିଥିଲେ। ନବଜାତ ଶିଶୁଟି ଜୀବନ ସହ ସଂଘର୍ଷ କରୁଥିଲା। କୁଆଁ କୁଆଁ ରଡି କରୁଥିଲା।

ଜଙ୍ଗଲ ସେପାଖ ପାହାଡ଼ ତଳ ଆଦିବାସୀ ବସ୍ତିର ଦାସିଆ ଅଜା। ପୋଖରୀପାଣି ସାରି ଫେରୁଥିଲା। ତା' କାନରେ ବାଜିଲା କୁଆଁ କୁଆଁ ଶବ୍ଦ । ସେହି ଶବ୍ଦ ବାରି ସେ ପହଞ୍ଚି ଦେଖିଲା ଛୁଆଟି ରାହାଧରି କାନ୍ଦୁଛି । ଅତି ସନ୍ତର୍ପଣରେ କୋଳେଇ ନେଲା ଛୁଆଟିକୁ। ବୁଲି ଚାହିଁଲା ବେଳକୁ ସେହି ଜଙ୍ଗଲର ଆର ପଟରୁ ଲୁଚି ଲୁଚି ଖସି ପଳାଉଥିଲା ଆରଗାଁର ରାଧୁଆ। ତା'ର ଆଉ ବୁଝିବା ବାକି ରହିଲାନି। ନିଜ ଘରକୁ ନେଇଯାଇଥିଲା ସଦ୍ୟଜାତ କନ୍ୟାଟିକୁ। ଫୁଲନ ଆଈ ଯତ୍ନରେ ପାଳିଥିଲା ତାକୁ, ଆଉ ନାଁ ରଖିଥିଲା କୁସୁମ।

ସନ୍ତାନକୁ ହରାଇବା ପରେ ଭାଙ୍ଗି ପଡିଥିଲା ସାବି। ଅଳ୍ପ କିଛିଦିନ ଭିତରେ ଜାଣିପାରିଥିଲା ତା' ସ୍ୱାମୀ ଆଉ ଶାଶୁ କରିଥିବା ସେହି ଘୃଣ୍ୟ କାମ ସମ୍ପର୍କରେ। ଆଉ ଖବର ପାଇଥିଲା ତା' ହୃଦୟର ଟୁକୁଡ଼ା ଜୀବିତ ଅଛି ବୋଲି। ସେଦିନଠୁ ସକାଳର ସୂରୁଯ ଉଇଁଲେ ତା'ର ମନ ଥାଏ ଜଙ୍ଗଲ ଆଉ ପାହାଡ଼ ପାଖେ, ଖୋଜିବୁଲେ କୁସୁମକୁ । ଇତି ମଧ୍ୟରେ ସାବିର ସ୍ୱାମୀ ଦ୍ୱିତୀୟ ସନ୍ତାନ ପାଇଁ କୁହନ୍ତି। କିନ୍ତୁ ରୋକ୍‌ଠୋକ୍ ମନା କରିଦିଏ ସାବି। ଫଳରେ ସ୍ୱାମୀ ଆଉ ଶାଶୁ ଆରମ୍ଭ କରିଦେଲେ ନିର୍ଯାତନା। ଶେଷରେ ତାହା ସହି ନ ପାରି ସେ ଘର ଛାଡି ଦିଏ।

ଜଙ୍ଗଲ ଆଖପାଖ ଖୋଜାଖୋଜି କରି ପାହାଡ଼ ତଳ ଆଦିବାସୀ ବସ୍ତିରେ ପହଞ୍ଚେ । ଦୈବାତ୍ ଦେଖା ହୁଏ ଦାସିଆ ଅଜା ସହ । ଯିଏ ତାଙ୍କ ଗାଁକୁ ଅନେକ ଥର ଯାଇଛି । ଦାସିଆ ଅଜା ସାବିର ସ୍ୱାମୀ ଅନେକ ଦିନ ତଳେ କରିଥିବା ଘୃଣ୍ୟ ଅପରାଧ ସମ୍ପର୍କରେ କୁହେ, ଆଉ ଚିହ୍ନେଇ ଦିଏ ତା' ଘରେ ଗେଲବସରରେ ବଢୁଥିବା ଝିଅଟି ଆଉ କେହି ନୁହେଁ, ତା'ର ହୃଦୟର ଟୁକୁଡା । ଖୁସିର ଲହଡ଼ି ଖେଳିଯାଇଥିଲା ତା'ର ଜୀବନରେ। ସେବେଠୁ ସେ କୁସୁମ ସହ ଫୁଲନ ଆଈ, ଦାସିଆ ଅଜାର ଝିଅ ହୋଇ ତାଙ୍କ ପାଖେ ରହିଲା। ହେଲେ ଏବେ କୁସୁମର ବା'କୁ ନେଇ ପ୍ରଶ୍ନ ଶୁଣି କ'ଣ ଉତ୍ତର ଦେବ ବୋଲି ସାବି ଭାବେ। କ'ଣ ବା କହିବ ସେ ସଇତାନ ବା' ବିଷୟରେ...।

*–ସଫ୍ଟୱେର ପ୍ରଫେଶନାଲ,*
*ସିମୁଳିଆ , ବାଲେଶ୍ୱର*

## ନୀରବତା

**–ପ୍ରିୟଦର୍ଶିନୀ ମହାନ୍ତି**

ତୁମ ନୀରବତା ନୁହେଁ
ସେ ପରା ନିଆଁ ହୁଳାଟିଏ
ନିତି ନିତି ମାରୁଥାଏ,
ହୃଦୟର ଶୂନ୍ୟ ରୁଦ୍ଧ କୋଠରିରେ
ନୀରବତାର କୋଳାହଳ
ପ୍ରତିକ୍ଷଣ ଜାଳୁଥାଏ।

ଦିନୁଦିନ ଫିକା ପଡ଼େ ରଙ୍ଗ
ବଦଳି ବି ଯାଏ ଢଙ୍ଗ..
ତୁଟିଯାଏ ମୋହ ସମ୍ପର୍କର
ସମୟ କରଇ ବ୍ୟଙ୍ଗ,
ନିରୁତା ଭଲପାଇବା
ବଦଳେ ମିଳେ
କେବଳ ନିଃସଙ୍ଗ ଆଉ ନିଃସଙ୍ଗ।

*–ଏସ୍‌ଆର୍ ୭*
*ପାଣ୍ଡବନଗର*
*ଟଙ୍କପାଣି ରୋଡ୍*
*ଭୁବନେଶ୍ୱର*

## ଭେଟ

**–ଅଶୋକ କୁମାର ରଥ**

ଭେଟିବାକୁ ଚାହିଁଲେ
ଖୋଜିକି ପାଇଯାଆନ୍ତି ତ ତୁମକୁ
ଛୋଟ ତୁମ ସହରରେ
ଛୋଟ ଏଇ ଦୁନିଆରେ
କିନ୍ତୁ
ତୁମେ ତ ହଜିନାହଁ କେଉଁଠି ବି
ଖାଲି ବଦଳି ଯାଇଛ ଯାହା
ଦୂରେଇଦେବା ବାହାନାରେ।

*–ବଙ୍କା, ଗଞ୍ଜାମ*

## ଅମାବାସ୍ୟାର ପ୍ରେତ

**– ପ୍ରବୀଣ କୁମାର କବି**

ମୋ ଭିତରେ ନିମଗ୍ନ
ସବୁ ଆଲୋକ ଉତ୍ସକୁ ଆବିଷ୍କାର
କଲ ତୁମେ,
ଆଉ ସେ ନିର୍ଲିପ୍ତ ଆଲୋକ
ଉତ୍ସକୁ
ଚୋରେଇ ନେଇ ତୁମେ ଆଜି
ଦ୍ୱିତୀୟାର ଜହ୍ନ,
ହେଲେ ମୁଁ ଆଜି ଅମାବାସ୍ୟାର
ପ୍ରେତ
ଖୋଜେନି ମୁଁ ସୁଖନିଦ୍ରା ,
ଖୋଜେ ଶେଷ ସାନିଧ୍ୟ ତୁମର !
ମୋର ସବୁ ଶୀତଳତାକୁ
ବିଛଣାକରି
ତୁମେ ଆଜି ଶୋଇଛ ବାସର
ଶେଯରେ,
ହେଲେ, ମୁଁ ଗୋଟେ ନିରୁତା
ଉଲ୍‌କା ହୋଇ
ଘୁରୁଛି ଆକାଶ ଛାତିରେ।

*–ମଦନପୁର, କେନ୍ଦୁଝର*



ଦୀପିକା

# ଖୁସି ଅନ୍ତରାଳେ...

ଦୀପିକା ପାଦୁକୋନଙ୍କ ଖୁସି କହିଲେ ନ ସରେ। କାହିଁକି ଜାଣନ୍ତି ? ବେଶ୍ କିଛି ମାସ ଗ୍ୟାପ୍ ପରେ ତାଙ୍କ ଅଭିନୀତ ଫିଲ୍ମ ରିଲିଜ ହୋଇଛି। କେବଳ ସେତିକି ନୁହେଁ, ଏକ ସତ୍ୟ ଘଟଣା ଉପରେ ଫିଲ୍ମର କାହାଣୀ ଆଧାରିତ। ତା'ସହ ଏହି ଫିଲ୍ମର ଅନ୍ୟତମ ପ୍ରଯୋଜକ ହେଉଛନ୍ତି ଦୀପିକା। ହଁ, ଫିଲ୍ମଟି ହେଲା 'ଛପାକ୍'। ଏସିଡ ଆକ୍ରମଣରେ ଆହତ ଲକ୍ଷ୍ମୀ ଅଗ୍ରୱାଲ ନାମ୍ନୀ ଯୁବତୀଙ୍କର ଜୀବନୀକୁ ନେଇ ଏହାର କାହାଣୀ ଗତିଶୀଳ। ଫିଲ୍ମ ସମ୍ପର୍କରେ ଦୀପିକା କହନ୍ତି, 'ଏହି ଭୂମିକାଟି ମୋ ପାଇଁ ଚ୍ୟାଲେଞ୍ଜିଂ ଥିଲା। ତାହାକୁ ତୁଲାଇବାକୁ ମୋତେ ବେଶ୍ ପରିଶ୍ରମ କରିବାକୁ ପଡିଛି। ତା'ସହ ନିର୍ଦ୍ଦେଶିକା ମେଘନା ଗୁଲଜାରଙ୍କ ଟିପ୍ସ ମୋତେ ଅନେକ ସାହାଯ୍ୟ କରିଥିଲା। ରଣବୀରଙ୍କୁ ମ୍ୟାରେଜ କରିବା ପରେ ଏହା ହେଉଛି ମୋ ଅଭିନୀତ ପ୍ରଥମ ଚଳଚ୍ଚିତ୍ର ଯାହା ଚଳିତ ମାସ ୧୦ରେ ରିଲିଜ ହୋଇଛି। ୧୨୦ ମିନିଟ୍ ଅବଧିବିଶିଷ୍ଟ ଏହି ଫିଲ୍ମର ପିକ୍ଚରାଇଜେଶନ ମୋତେ ବେଶ୍ ପ୍ରଭାବିତ କରିଛି। ବାକି ସବୁ ଦର୍ଶକଙ୍କ ଉପରେ ନିର୍ଭର କରେ। ଏହି ଫିଲ୍ମରେ ମେଘନାଙ୍କ ନିର୍ଦ୍ଦେଶନାକୁ ଯେତେ ପ୍ରଶଂସା କରାଯିବ ତାହା ସେତେ କମ୍ ହେବ।'

# ପୁଣି ଥରେ ସଲମାନ-କବୀର ଯୋଡି

ବଲିଉଡ୍‌ରେ ନିର୍ଦ୍ଦେଶକ କବୀର ଖାଁ ଏବଂ ସଲମାନଙ୍କୁ ନେଇ ପୁଣି ଥରେ ଚର୍ଚ୍ଚା ଆରମ୍ଭ ହୋଇଛି। କବୀରଙ୍କ ଆଗାମୀ ଫିଲ୍ମରେ ସଲମାନ ଅଭିନୟ କରିବେ ବୋଲି ଜଣାପଡିଛି। ହେଲେ ଏହାର ସ୍କ୍ରିପ୍ଟିଂରେ ପରିବର୍ତ୍ତନକୁ ନେଇ ପ୍ରଥମେ ଅଡି ବସିଥିଲେ ସଲମାନ। ହେଲେ ତାଙ୍କ କାନରେ କବୀର କି ମନ୍ତ୍ର ଫୁଙ୍କିଲେ କେଜାଣି ଏବେ ସ୍କ୍ରିପ୍ଟ ଠିକ୍ ଅଛି ବୋଲି ସଲ୍ଲୁ ମିଆଁ କହି ବୁଲୁଛନ୍ତି। ଏହି ଫିଲ୍ମର ଡେଟ୍‌କୁ ନେଇ ନିଷ୍ପତ୍ତି ନେଲା ପରେ ସେ ସାଇନ୍ କରିବେ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏହାପୂର୍ବରୁ କବୀରଙ୍କ ନିର୍ଦ୍ଦେଶନାରେ ସଲମାନ୍ ତିନୋଟି ଫିଲ୍ମ– 'ବଜରଙ୍ଗୀ ଭାଇଜାନ୍', 'ଏକ୍ ଥା ଟାଇଗର' ଏବଂ 'ଟ୍ୟୁବଲାଇଟ୍'ରେ ଅଭିନୟ କରିସାରିଛନ୍ତି।



# ମଣିଙ୍କ ପ୍ରଶଂସାରେ ଐଶ୍ୱର୍ଯ୍ୟା



ଏବେ ନାମୀ ନିର୍ଦ୍ଦେଶକ ମଣି ରତ୍ନମଙ୍କ ପ୍ରଶଂସାରେ ସେ ଶତମୁଖ। ଯୁଆଡେ ଗଲେ ତାଙ୍କୁ ପ୍ରଶଂସାରେ ପୋତି ପକାଉଛନ୍ତି। ମଣିଙ୍କ ନିର୍ଦ୍ଦେଶନାରେ ସେ ଏବେ କାମ କରୁଛନ୍ତି। ତେବେ ଏହାପୂର୍ବରୁ ତାଙ୍କ କ୍ୟାମ୍ପରେ ସେ ତିନି ଥର ସାମିଲ ହୋଇ ସାରିଛନ୍ତି। ଏହି ଅଭିନେତ୍ରୀ ହେଲେ ଐଶ୍ୱର୍ଯ୍ୟା ରାୟ। କଥା କ'ଣ କି ସେ ଏବେ ଥାଇଲାଣ୍ଡରେ ଡେରା ପକାଇଛନ୍ତି। କାରଣ ସେଠାରେ ମଣି ରତ୍ନମଙ୍କ ନିର୍ଦ୍ଦେଶନାରେ ନିର୍ମିତ ହେଉଥିବା ତାମିଲ ଫିଲ୍ମ 'ପୋନ୍ନିୟିନ୍ ସେଲଭାନ୍'ର ନାୟିକା ସାଜିଛନ୍ତି ଐଶ୍ୱର୍ଯ୍ୟା। କଲ୍‌କି କ୍ରିଷ୍ଣମୂର୍ତ୍ତିଙ୍କ ଲୋକପ୍ରିୟ ଉପନ୍ୟାସ 'ପୋନ୍ନିୟିନ୍ ସେଲ୍‌ଭାନ୍'କୁ ଆଧାର କରି ଉକ୍ତ ସିନେମା ପ୍ରସ୍ତୁତ କରାଯାଉଛି। ଏ ବିଷୟରେ ଐଶ୍ୱର୍ଯ୍ୟା କହନ୍ତି, 'ଯେତେବେଳେ ମୁଁ ଏହି ଫିଲ୍ମର କାହାଣୀ ଶୁଣିଲି ସେତେବେଳେ ତାହା ମୋତେ ବେଶ୍ ପ୍ରଭାବିତ କରିଥିଲା। ଅନ୍ୟପକ୍ଷରେ ମଣି ରତ୍ନମଙ୍କ ପରି ନିର୍ଦ୍ଦେଶକଙ୍କ ସହ କାମ କଲେ ତାହାର ମଜା ନିଆରା।'। ଖାସ୍ କଥା ହେଲା ତାମିଲ ଅଭିନେତ୍ରୀ ନୟନତାରା ପ୍ରଥମ ଥର ପାଇଁ ମଣିଙ୍କ ଫିଲ୍ମରେ ଅଭିନୟ କରୁଛନ୍ତି। ୧୫୦କୋଟି ବଜେଟ୍ ବିଶିଷ୍ଟ ଏହି ଫିଲ୍ମରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଏ.ଆର. ରହମାନ୍।

# ଦୀପକ ଯାହା ଚାହୁଁଥିଲେ


ଅଭିନେତା ଦୀପକ ଯାହା ଚାହୁଁଥିଲେ ତାହା ତାଙ୍କୁ ମିଳିଯାଇଛି। କଥା କ'ଣ କି ପ୍ରତିଟି ଫିଲ୍ମରେ ଭେରାଇଟି ରୋଲ୍‌ରେ ସେ ଦର୍ଶକଙ୍କ ସାମ୍‌ନାକୁ ଆସିବାକୁ ଆଶା ରଖିଥାଆନ୍ତି। ନିକଟରେ ତାଙ୍କର ସେପରି ଆଶା ପୂରଣ ହୋଇଛି। ଅର୍ଥାତ୍ ସେ ନିକଟରେ ଅଭିନୟ କରିଥିବା ଦୁଇଟି ସିନେମାରେ ତାଙ୍କୁ ନିଜର ମନଲାଖି ଚରିତ୍ରରେ ଦର୍ଶକ ଦେଖିବାକୁ ପାଇବେ। ଫିଲ୍ମଦ୍ୱୟ ହେଲା–'ଧଡକନ୍‌ରେ ତୁ' ଏବଂ 'ଅଟୋଗ୍ରାଫ–ଦ ସାଇନ୍ ଅଫ ଲଭ୍'। ଏ–ସିକ୍ସ ଏଣ୍ଟରଟେନମେଣ୍ଟ ଏବଂ ଏସ୍–ଥ୍ରୀ ମୁଭିଜ ବ୍ୟାନରରେ ନିର୍ମିତ ହୋଇଛି 'ଧଡକନ୍‌ରେ ତୁ'। ଏଥିରେ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ସସ୍ମିତା। ସୁଧାକର ବସନ୍ତଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ସମରେଶ ରାଉତରାୟଙ୍କୁ ନେଗେଟିଭ ଭୂମିକାରେ ଦେଖିବାକୁ ମିଳିବ। ଫିଲ୍ମଟିର ସଂଳାପ ରଚନା କରିଛନ୍ତି ଡ. ରଜନୀ ରଞ୍ଜନ ଏବଂ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମଦାର। ଅପରପକ୍ଷରେ ରମେଶ ରାଉତଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ 'ଅଟୋଗ୍ରାଫ–ଦ ସାଇନ୍ ଅଫ ଲଭ୍'ରେ ଦୀପକଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ନବାଗତା ସ୍ୱାତୀ। ତେବେ ଫିଲ୍ମଦ୍ୱୟରେ ଦୀପକଙ୍କ ଭୂମିକା ଦର୍ଶକଙ୍କୁ କେତେ ଇମ୍ପ୍ରେଶ କରୁଛି ତାହା ଦେଖିବାକୁ ବାକି ରହିଲା।



ଦୀପକ–ସସ୍ମିତା

# ଭାଗ୍ୟବାନ ଅଭିମନ୍ୟୁ

ଥରେ ମନେପକାନ୍ତୁ ନା 'ମୈନେ ପ୍ୟାର୍ କିୟା' ଚଳଚ୍ଚିତ୍ରକୁ। ଏଥିରେ ନାୟକ ଭାବରେ ବ୍ରେକ୍ ପାଇଥିଲେ ସଲମାନ ଖାଁ ଆଉ ତାଙ୍କର ନାୟିକା ସାଜିଥିଲେ ନବାଗତା ଭାଗ୍ୟଶ୍ରୀ। ଏବେ ସଲମାନ କେଉଁ ସ୍ଥାନରେ ପହଞ୍ଚିଛନ୍ତି ତାହା କହିବା ବାହୁଲ୍ୟ। ହେଲେ ପରବର୍ତ୍ତୀ ସମୟରେ ଭାଗ୍ୟଶ୍ରୀ ଅଭିନୟଠାରୁ ଦୂରେଇ ଯାଇଥିଲେ। ଏବେ ତାଙ୍କର ପୁଅ ଅଭିମନ୍ୟୁ ବଲିଉଡ୍‌ରେ ଏଣ୍ଟ୍ରି କରିଛନ୍ତି। 'ମର୍ଦ୍ଦ କୋ ଦର୍ଦ୍ଦ ନହିଁ ହୋତା' ଫିଲ୍ମରୁ ସେ ହିନ୍ଦୀ ସିନେମା କ୍ୟାରିୟର ଆରମ୍ଭ କରିଛନ୍ତି। କେବଳ ସେତିକି ନୁହେଁ, ନିକଟରେ ତାଙ୍କୁ ଆଉ ଦୁଇଟି ଅଫର ମିଳିଛି ଯେଉଁଥିରେ ସେ ଅଭିନୟ କରିବାକୁ ଗ୍ରୀନ ସିଗନାଲ ଦେଇସାରିଲେଣି। 'ମର୍ଦ୍ଦ କୋ ଦର୍ଦ୍ଦ ନହିଁ ହୋତା' ସମ୍ପର୍କରେ ଅଭିମନ୍ୟୁ କହନ୍ତି, 'ଏଥିରେ ମୋ ଭୂମିକାଟି ହେଲା ସୂର୍ଯ୍ୟ'। ଏହି ଆକ୍ସନଭିତ୍ତିକ ଫିଲ୍ମ ପାଇଁ ବେଶ୍ ପରିଶ୍ରମ କରିଛି। ନିକଟରେ ଏକ କମେଡି ଫିଲ୍ମ ସାଇନ୍ କରିଛି। ସବୀର ଖାଁଙ୍କ 'ନିକ୍କମା'। ଏଥିରେ ମୋ ସହ ନାୟିକା ଭାବେ ଅଭିନୟ କରିଛନ୍ତି ନବାଗତା ସିଙ୍ଗର ତଥା ସୋସିଆଲ ମିଡିଆ ସନ୍‌ସେସନ୍ ସର୍ଲି ସେତିଆ। ଶିଳ୍ପା ସେଟ୍ଟୀ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିବେ। ଏହାବ୍ୟତୀତ ଉମେଶ ଶୁକ୍ଲାଙ୍କ ଚଳଚ୍ଚିତ୍ରରେ ବି ଆକ୍ଟିଂ କରିବାକୁ ଯାଉଛି।' ତେବେ ବଲିଉଡ୍‌ରେ ଅଭିମନ୍ୟୁ କି କମାଲ କରୁଛନ୍ତି ତାହା ଫିଲ୍ମ ରିଲିଜ ହେବା ପରେ ହିଁ ଜଣାପଡିବ।



# ଚୁଜି ହେଲେଣି ଜାହ୍ନବୀ



ଷ୍ଟାର୍ କିଡ୍ ଜାହ୍ନବୀ ଆଦୌ ତରତର ହେବେ ନାହିଁ। ଯେତେ ଅଫର ମିଳିଲେ ମଧ୍ୟ ତାକୁ ଭଲ ଭାବରେ ତର୍ଜମା ନ କରିବା ପର୍ଯ୍ୟନ୍ତ ହଁ ଭରିବେ ନାହିଁ। ଅର୍ଥାତ୍, ନିଜ କ୍ୟାରିୟରକୁ ବେଶ୍ ସୂଚାରୁ ରୂପରେ ଆଗେଇ ନେବା ପାଇଁ ସେ ମାଇଣ୍ଡ ମେକ୍‌ଅପ୍ କରିଛନ୍ତି। ଏପରି କି ଏଥିପାଇଁ ତିନୋଟି ଅଫର ହାତଛଡା ମଧ୍ୟ କରିଛନ୍ତି। ଏ ନେଇ ଜାହ୍ନବୀ କହନ୍ତି, 'ଏବେ ମୋ କ୍ୟାରିୟର ଆରମ୍ଭ ହେଉଛି। ତେଣୁ ଆରମ୍ଭରୁ ଏ ନେଇ ସଚେତନ ହେବା ଦରକାର। ସେଥିପାଇଁ ମିଳୁଥିବା ଅଫରଗୁଡିକୁ ଭଲ ଭାବରେ ତର୍ଜମା କରିବି। ମୋର ନିଜ ଉପରେ ଯଥେଷ୍ଟ ଭରସା ରହିଛି। ଯେଉଁ ଭୂମିକା ମିଳିଲେ ତାହାକୁ ତୁଲାଇବାକୁ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିନେଇଛି।' ବଲିଉଡ୍‌ରେ ଏଣ୍ଟ୍ରି କରିବା ପୂର୍ବରୁ ଜାହ୍ନବୀ ଥିଏଟର ଏବଂ ଫିଲ୍ମ ଉପରେ ଡିଗ୍ରୀ ହାସଲ କରିଛନ୍ତି। ୨୧ବର୍ଷ ବୟସ୍କା ଏହି ନାୟିକାଙ୍କ ପ୍ରଥମ ସିନେମା ଥିଲା 'ଧଡକ'। ବିଶେଷଭାବରେ ନନ୍‌ଭେଜ ଖାଦ୍ୟ ଖାଇବାକୁ ପସନ୍ଦ କରିନ୍ତି ଜାହ୍ନବୀ। ଜାହ୍ନବୀଙ୍କ ନାମକରଣ ପଛରେ ଏକ ମଜାଦାର କଥା ଲୁଚି ରହିଛି। ତାଙ୍କର ପିତା ବୋନି କପୁରଙ୍କ ପ୍ରଯୋଜିତ 'ଜୁଦାଇ'ରେ ଉର୍ମିଳା ମାତୋଣ୍ଡକରଙ୍କ ଚରିତ୍ରର ନାମ ଥିଲା ଜାହ୍ନବୀ। ଖାସ୍ କଥା ହେଲା, ସେତେବେଳେ ଶ୍ରୀଦେବୀ ଗର୍ଭବତୀ ଥିଲେ। ତେଣୁ ସେହି ସମୟରେ ତାଙ୍କର ସନ୍ତାନର ନାମ 'ଜାହ୍ନବୀ' ରଖିବାକୁ ବୋନି ସ୍ଥିର କରିଥିଲେ।

ପ୍ରଥମ ରୋଜଗାର

# ପ୍ରଥମ ରୋଜଗାର ଟଙ୍କା ମା'ଙ୍କୁ ଦେଇଥିଲି



ଓଡ଼ିଶୀ ନୃତ୍ୟଶିଳ୍ପୀ ତଥା କଣ୍ଠଶିଳ୍ପୀ **ଟି.ନିବେଦିତା** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ମୋର ଜନ୍ମ ଓ ପାଠପଢ଼ା ନବରଙ୍ଗପୁରରେ। ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରୁ ୨୦୦୫ରେ ମାଟ୍ରିକ୍ ପାସ୍ କରିବା ପରେ ନବରଙ୍ଗପୁର କଲେଜରେ ଯୁକ୍ତ ଦୁଇ ବିଜ୍ଞାନ ପଢ଼ିଥିଲି। ତା'ପରେ ଭୁବନେଶ୍ୱରରେ ବିସିଏ ଓ ଏମ୍‌ସିଏ କୋର୍ସ ସାରି ବାଙ୍ଗାଲୋରରେ ୬ମାସର ଏକ ଟ୍ରେନିଂ ନେଇଥିଲି। ଟ୍ରେନିଂ ସରିବାକୁ ଆଉ କିଛିଦିନ ବାକି ଥାଏ, ତା'ଭିତରେ ଭୁବନେଶ୍ୱରରେ ଇଣ୍ଟରଭ୍ୟୁ ଦେଇ ଏକ କମ୍ପାନୀରେ ସଫ୍ଟୱେର୍ ଇଞ୍ଜିନିୟର ଭାବେ କାମ କରିବାକୁ ଲାଗିଲି। ଏଠାରୁ ପ୍ରଥମ ମାସ ଯାହା ଦରମା ପାଇଲି, ସେଥିରେ ବାଙ୍ଗାଲୋର୍ ଯାଇ ପଢ଼ିବାରେ ଯେଉଁ ହାତଉଧାରି ହୋଇଥିଲା ତାହା ସୁଝିଥିଲି। ତା'ପର ମାସଠୁ ଯାହା ଦରମା ମିଳୁଥିଲା ସେଥିରୁ କିଛି ନିଜେ ରଖି ବାକି ଟଙ୍କା ଘରକୁ ପଠାଉଥିଲି। ମାତ୍ର ବର୍ଷେ ଏହି କମ୍ପାନୀରେ କାମ କରିବା ପରେ ଚାକିରି ଛାଡିଦେଲି। କାରଣ ଥିଲା ନୃତ୍ୟ ଓ ସଙ୍ଗୀତ ପ୍ରତି ଥିବା ମୋର ଦୁର୍ବଳତା। ମୋ ବାପା ଟି.ନିରଞ୍ଜନ ଆଚାରୀ ହେଉଛନ୍ତି ଅଲ୍ ଇଣ୍ଡିଆ ରେଡିଓର ଜଣେ ସ୍ୱୀକୃତିପ୍ରାପ୍ତ ଗୀତିକାର୍, ମା' ଟି.ଜ୍ୟୋତି ଜଣେ କଣ୍ଠଶିଳ୍ପୀ ଏବଂ ବଡ଼ ଭଉଣୀ ଟି.ନିରଜା ଓଡ଼ିଶୀରେ ବିଶାରଦ ସାରିଛନ୍ତି। ଯେହେତୁ ପରିବାରରେ ସମସ୍ତେ କଳାପ୍ରେମୀ, ତେଣୁ ମୋର ବି ଛୋଟବେଳୁ ଓଡ଼ିଶୀ ନୃତ୍ୟ ଓ ହିନ୍ଦୁସ୍ତାନୀ ଗୀତ ପ୍ରତି ଦୁର୍ବଳତା ଆସିଥିଲା। ଗୁରୁଶ୍ରୀ ବାଲାଜୀ କିଶୋର ରଥ ହେଲେ ମୋର ପ୍ରଥମ ସଙ୍ଗୀତ ଗୁରୁ ଏବଂ ଗୁରୁଶ୍ରୀ ବୀରକିଶୋର ନାୟକ ହେଲେ ମୋର ପ୍ରଥମ ଓଡ଼ିଶୀ ନୃତ୍ୟଗୁରୁ। ତେବେ ଯା'ଭିତରେ ମୁଁ ଓଡ଼ିଶୀ ନୃତ୍ୟରେ ପି.ଜି. ଏବଂ ହିନ୍ଦୁସ୍ତାନୀ ଭୋକାଲ୍‌ରେ ଡିପ୍ଲୋମା ସାରିଛି। ତା'ସହିତ ଅଲ୍ ଇଣ୍ଡିଆ ରେଡିଓ, ଜୟପୁରର ମୁଁ ହେଉଛି ଜଣେ ସ୍ୱୀକୃତିପ୍ରାପ୍ତ କଣ୍ଠଶିଳ୍ପୀ। ତେବେ ମୁଁ ଯେତେବେଳେ ଯୁକ୍ତ ଦୁଇରେ ପଢୁଥିଲି, ସେତେବେଳେ ଅଲ୍ ଇଣ୍ଡିଆ ରେଡିଓରେ ତିନୋଟି ଗୀତ ଗାଇଥିଲି, ଯେଉଁଥିପାଇଁ ମୋତେ ୯୬୦ ଟଙ୍କା ପାରିଶ୍ରମିକ ମିଳିଥିଲା। ଏହା ଥିଲା ମୋ ଜୀବନର ପ୍ରଥମ ରୋଜଗାର। ଏହି ଟଙ୍କାଟିକୁ ନେଇ ମୁଁ ମୋ ମା' ହାତରେ ଦେଇଥିଲି। ବାସ୍ ସେବେଠାରୁ ଯେତେବେଳେ ଯାହା ବି ରୋଜଗାର କରିଛି ସେଥିରୁ କିଛି ମା'ବାପାଙ୍କୁ ଦେଇ ଆସିଛି। ଯା'ଭିତରେ ମୁଁ ଜିଲା, ରାଜ୍ୟ, ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଖାସ୍ କରି ୨୦୧୯ ପ୍ରୟାଗ କୁମ୍ଭମେଳାରେ ଭାଗନେଇ ଦର୍ଶକଙ୍କର ଅନେକ ପ୍ରଶଂସା ସାଉଁଟିବା ସହ ବହୁ ପୁରସ୍କାର ଓ ସମ୍ମାନ ମଧ୍ୟ ପାଇସାରିଛି। ତେବେ ଭୁବନେଶ୍ୱରରେ ଯେତେବେଳେ ସଫ୍ଟୱେର୍ ଇଞ୍ଜିନିୟର୍ ଭାବେ କାମ କରୁଥିଲି, ସେତେବେଳେ କାମର ପ୍ରେସର୍ ବହୁତ ରହୁଥିଲା। ଫଳରେ ପ୍ରାୟ ୬/୭ମାସ ପର୍ଯ୍ୟନ୍ତ ମୁଁ ନୃତ୍ୟ ଓ ଗୀତ ଅଭ୍ୟାସରୁ ସମ୍ପୂର୍ଣ୍ଣ ଦୂରେଇ ଯାଇଥିଲି। ଯେଉଁଥିପାଇଁ ଚିନ୍ତା କଲି ଆଉ ଯଦି କିଛି ମାସ ଏମିତି କାମ କରିବି, ତା'ହେଲେ ନାଚଗୀତ ସବୁ ଭୁଲିଯିବି। ତେଣୁ ବାଧ ହେଲି ଚାକିରି ଛାଡ଼ିବାକୁ। କାମ ଛାଡ଼ିବା ପରେ ମୁଁ ନିଜ ଜନ୍ମସ୍ଥାନ ନବରଙ୍ଗପୁରକୁ ଚାଲିଆସି କଳାକ୍ଷେତ୍ରରେ କିଛି କରିବା ପାଇଁ ଚେଷ୍ଟା କରି ନିଜସ୍ୱ ଉଦ୍ୟମରେ 'ଜଗନ୍ନାଥ କଳାକେନ୍ଦ୍ର' ନାମରେ ଏକ ଅନୁଷ୍ଠାନ ପ୍ରତିଷ୍ଠା କଲି। ଏହି ଅନୁଷ୍ଠାନ ତରଫରୁ ଏବେ ଛାତ୍ରୀଛାତ୍ରମାନଙ୍କୁ ଓଡ଼ିଶୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ ତଥା ନବରଙ୍ଗପୁର ଜିଲାର ଆଦିବାସୀ ନୃତ୍ୟ ଢେମ୍‌ସା ଉପରେ ଶିକ୍ଷା ପ୍ରଦାନ କରାଯାଉଛି। ନିଜ ଜିଲାରେ କଳାର କେମିତି ଠିକ୍ ପ୍ରଚାର ପ୍ରସାର କରିବା ସହ ରାଜ୍ୟ ତଥା ରାଜ୍ୟ ବାହାରେ ଏ ନେଇ ସୁନାମ ଅର୍ଜନ କରିପାରିବି, ତାହା ହେଉଛି ମୋର ପ୍ରଧାନ ଲକ୍ଷ୍ୟ। ଆଉ ଏହି ଲକ୍ଷ୍ୟକୁ ପୂରଣ କରିବା ପାଇଁ ତଥା ନିଜ ଅନୁଷ୍ଠାନକୁ ଆଉ ଟିକେ ଆଗକୁ ନେବା ଲାଗି ଆର୍ଥିକ ସହାୟତାର ଆବଶ୍ୟକ ଥିବାରୁ ବର୍ତ୍ତମାନ ମୁଁ ଏକ ରେସିଡେନ୍ସିଆଲ୍ କଲେଜରେ କମ୍ପ୍ୟୁଟର ସାଇନ୍ସର ଅଧ୍ୟାପିକା ଭାବେ କାର୍ଯ୍ୟ କରୁଅଛି। ଆଶା କରୁଛି, ଭଗବାନଙ୍କ ଆଶୀର୍ବାଦ ଥିଲେ ମୁଁ ଖୁବ୍‌ଶୀଘ୍ର ମୋ ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିବି।

# ଟିକିଏ ରାଗ ଅଳପ ହସ ତହିଁରେ ରହିଛି ପ୍ରେମର ରସ

**ପ୍ରଶ୍ନ**–ମୋ ପ୍ରେମିକା ଟିକେ ଟିକେ କଥାରେ ରାଗି ଯାଉଛି। ପୁଣି କେତେବେଳେ ଏମିତି ହସି ଦେଉଛି ଯେ ମୁଁ ସେହି ହସରେ ମତୁଆଲା ହୋଇଯାଉଛି। ହେଲେ ସେ ଏମିତି ରାଗୁଛି କାହିଁକି ?

–ପ୍ରଦୀପ୍ତ ସାହୁ, ନବରଙ୍ଗପୁର

**ଉତ୍ତର:** ସେହି ରାଗ ଆଉ ହସ ଭିତର ପ୍ରେମର ଅସଲ ରସ ଲୁଚି ରହିଛି। 'ଟିକିଏ ରାଗ ଅଳପ ହସ, ତହିଁରେ ରହିଛି ପ୍ରେମର ରସ'। ବାସ୍, ମଗଜ ଖଟାଇ ତାହାର ମଜା ନେଇପାରିଲେ ହେଲା।

**ପ୍ରଶ୍ନ**–ମୋ ପ୍ରେମିକା ଦେଖିବାକୁ ସୁନ୍ଦରୀ। ହେଲେ ତାକୁ ସୁନ୍ଦରୀ କହିଲେ ସେ ଅଭିମାନ କରୁଛି। କ'ଣ କରିବି ?

–ତନ୍ମୟ, ପୁରୀ

**ଉତ୍ତର:** ଆପଣଙ୍କର ପ୍ରଶଂସା ବୋଧହୁଏ ସୀମା ଟପି ଯାଉଛି। ଗୋଟିଏ କଥା ନିଶ୍ଚୟ ଜାଣିଥିବେ– 'ଅତି ଲେମ୍ବୁ ଚିପୁଡିଲେ ପିତା'। ତେଣୁ ପ୍ରେମିକାକୁ ଏମିତି ପ୍ରଶଂସା କରନ୍ତୁ ଯେମିତି ତା' ମୁହଁରେ ସବୁବେଳେ ହସ ଲାଗି ରହିଥିବ। ଯଦି ବା ଆପଣଙ୍କ ପ୍ରେମିକାକୁ ଆପଣ 'ସୁନ୍ଦରୀ' ସମ୍ବୋଧନ କଲେ ସେ ଅଭିମାନ କରୁଛି ହୁଏ ତ ତାହା କ୍ଷଣିକ ହୋଇପାରେ। ଏହାଦ୍ୱାରା ଯଦି ଆପଣଙ୍କ ପ୍ରେମ ଗାଡି ଆଗକୁ ଗଡିବାରେ କିଛି ପ୍ରୋବ୍ଲେମ୍ ହେଉନାହିଁ ତେଣୁ ତାକୁ ନେଇ ଅଯଥା ଚିନ୍ତା କରୁଛନ୍ତି କାହିଁକି ?

**ପ୍ରଶ୍ନ**–ମୁଁ ଜଣେ ଝିଅକୁ ବାରମ୍ବାର ପ୍ରେମ ନିବେଦନ କରିବା ସତ୍ତ୍ୱେ ସେ କିଛି ଉତ୍ତର ଦେଉନି। ସେ ମୋତେ ପ୍ରେମ କରୁଛି କି ନାହିଁ କେମିତି ଜାଣିବି ?

–ସମିତ ନାୟକ, ବ୍ରହ୍ମପୁର

**ଉତ୍ତର:**ସେହି ଝିଅକୁ ପ୍ରେମ ନିବେଦନ କରିବା ବେଳେ ତା' ଆଖିକୁ ଚାହିଁଛନ୍ତି ? ଯଦି ସେ ଆପଣଙ୍କ ପ୍ରପୋଜାଲରେ ରାଜି ତେବେ ତାହାର ଉତ୍ତର ତା' ଆଖିରେ ପଢ଼ିପାରିବେ। ଯଦି ଚୁପଚାପ ରହୁଛି ତେବେ ତା' ଭାବଭଙ୍ଗୀ ହିଁ ସବୁକଥା କହିଦେବ। ଯଦି ସେପଟୁ ପ୍ରେମର ସେପରି କିଛି ସୁରାକ ନ ପାଇଲେ ତେବେ ରଂ ନମ୍ବର ଡାଏଲ କରିଛନ୍ତି ଭାବି ସେଭଳି ପ୍ରେମର ଯେତେଶୀଘ୍ର 'ଦି ଏଣ୍ଡ' କରିଦେବା ହିଁ ଭଲ।

**ପ୍ରଶ୍ନ**–ମୁଁ ଯାହାକୁ ଭଲ ପାଉଛି, ତା' ବାନ୍ଧବୀ ଏବେ ମୋ ପ୍ରେମରେ ପଡିଯାଇଛି। କ'ଣ କରିବି ଜାଣିପାରୁନାହିଁ।


–ଆଶୁତୋଷ, ବଲାଙ୍ଗୀର

**ଉତ୍ତର:**ଆପଣଙ୍କ ପ୍ରେମିକାର ବାନ୍ଧବୀ ଆପଣଙ୍କୁ ପ୍ରେମ କରୁଛି–ତାହା ଏକତରଫା ନା ଆପଣଙ୍କ ପଟରୁ କିଛି ଗଲତି ଅଛି ? ଯଦି ଆପଣ କେବଳ ଆପଣଙ୍କ ପ୍ରେମିକାକୁ ମନ ଦେଇଛନ୍ତି ଆଉ ଆପଣଙ୍କ ପ୍ରେମ ନିର୍ମଳ ତେବେ ଅନ୍ୟ କିଏ ଆପଣଙ୍କୁ ମନେ ମନେ ପ୍ରେମ କଲା ତାକୁ ଭାବି ଟେନସନ ନେବା ଆଦୌ ଠିକ୍ ନୁହେଁ। ଯଦି ଆପଣ ଦୁଇ ଜାଗାରେ ଏକାଥରେ ହୁକ ପକାଇ ଆଗେଇବାକୁ ଚାହୁଁଛନ୍ତି ତେବେ ଏହାର ପରିଣାମ ଖଟା ହେବାର ଯଥେଷ୍ଟ ଆଶଙ୍କା ରହିଛି। ତେଣୁ ଏପରି ପ୍ରେମରେ ପ୍ରଥମେ ନିଜ ପଟରୁ ରାସ୍ତା କ୍ଲିୟର କରନ୍ତୁ–ଆପଣ କାହାକୁ ଭଲ ପାଉଛନ୍ତି– ଆପଣଙ୍କ ପ୍ରେମିକାକୁ ନା ତାଙ୍କର ବାନ୍ଧବୀକୁ !

**ପ୍ରଶ୍ନ**–ଆଜିକାଲି କେତେକ ପ୍ରେମକୁ ଟଙ୍କାର ନିକିତିରେ ଓଜନ କରୁଛନ୍ତି। ଏହା ଠିକ୍ କି ?

–ଉତ୍ତମ କୁମାର, ରାଉରକେଲା

**ଉତ୍ତର:** ପ୍ରେମକୁ ଟଙ୍କା ନିକିତିରେ ଯେଉଁମାନେ ଓଜନ କରନ୍ତି ସେମାନେ କେବଳ ଟଙ୍କାକୁ ଗୁରୁତ୍ୱ ଦିଅନ୍ତି, ପ୍ରେମକୁ ନୁହେଁ। ସେମାନଙ୍କ ଆଖିରେ ପ୍ରେମ ସବୁବେଳେ ଫିକା ଫିକା ଦେଖାଯାଏ। ତେଣୁ ପ୍ରେମ କରୁଥିବା ବେଳେ ଏପରି ଭୁଲ୍ କଲେ ନିଜ ଗୋଡରେ ନିଜେ କୁରାଢ଼ି ମାରିବା ପରି ହୋଇଥାଏ। କାରଣ ଏହି ପ୍ରେମ ଦୀର୍ଘସ୍ଥାୟୀ ହୋଇ ନ ଥାଏ।





# ରଦି କାଗଜ କାରିଗରୀ



ଓଡ଼ିଶାର ପାରମ୍ପରିକ ହସ୍ତକଳା କାରିଗରି କୌଣସି ଗୋଟିଏ ଗାଁରେ ସୀମିତ ନୁହେଁ, ବରଂ ଦେଶ ବିଦେଶରେ ଏହାର ସ୍ୱତନ୍ତ୍ର ପରିଚୟ ରହିଛି। ଯାହା ଫଳରେ ଏହି ନିୟୋଜିତ କାରିଗରମାନଙ୍କୁ କିଛି ରୋଜଗାର ପନ୍ଥା ମିଳିଯାଇଥାଏ। ବିଭିନ୍ନ ସ୍ଥାନରେ ଆୟୋଜିତ ହେଉଥିବା ମେଳା, ମହୋତ୍ସବରେ କାରିଗରମାନେ ନିଜର ହସ୍ତକଳା ପସରାକୁ ଖୋଲିଥାନ୍ତି। ଏହି କଳାକୃତିଗୁଡ଼ିକ ଦେଖିବାକୁ ଯେତିକି ସୁନ୍ଦର, ସେମିତି ମନଛୁଆଁ ହୋଇଥାଏ। ସାଧାରଣତଃ ମାଟି, ଗୋବର, ପିତ୍ତଳ, କାଠ, କାଗଜ କିମ୍ବା ଜଉ ଆଦିରେ ତିଆରି ନାନା ପାରମ୍ପରିକ ହସ୍ତକଳାରେ ଘରକୁ ସଜାଇବାରେ ଅନେକେ ପସନ୍ଦ କରିଥାନ୍ତି। କିନ୍ତୁ ବିଭିନ୍ନ ରଦି କାଗଜକୁ ବ୍ୟବହାର କରି କେତେକ ମହିଳାଶିଳ୍ପୀ ତିଆରି କରିଛନ୍ତି ଅନେକ ପ୍ରକାର କଳାକୃତି, ଯାହାକୁ ଦେଖିଲେ ମନେହୁଏ– ସତେଯେମିତି ଏହା କାଠ କି ମାଟିରେ ତିଆରି କଳାକୃତି ସଦୃଶ। ସେମିତି କଳାକୃତି ସମ୍ପର୍କରେ...

କାଗଜମୁଖା ହସ୍ତକଳା ତିଆରିରେ ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ କରଡ଼ଗାଡ଼ିଆ ଗାଁର ବେଶ୍ ନାଁ ରହିଛି। ଏହି ଗାଁର କାରିଗରମାନେ କାଗଜମୁଖା ତିଆରି କରିବା ପୂର୍ବରୁ ତେନ୍ତୁଳି ମଞ୍ଜିକୁ ଛେଚି ପରେ ତାକୁ ସିଝାଇ ସେଥିରୁ ଅଠା ପ୍ରସ୍ତୁତ କରିଥାନ୍ତି। ସେହି ତରଳ ଅଠାକୁ ଛାଣି ଥଣ୍ଡାକରି ରଖିଥାନ୍ତି। ପରେ ବିଭିନ୍ନ କଳାକୃତି ଛାଞ୍ଚ ଉପରେ କାଗଜ ପରସ୍ତ ପରେ ଅଠାଦେଇ ତା'ପରେ କରତଗୁଣ୍ଡ ଦେଇ ପୁଣି କାଗଜ ପରସ୍ତଦେଇ କାଗଜମୁଖା କରିଥାନ୍ତି। ଛାଞ୍ଚରୁ କାଢିସାରିଲା ପରେ କାଗଜମୁଖାକୁ ଖରାରେ ଶୁଖାଇଥାନ୍ତି। ତା'ପରେ ମୁଖାରେ ଧଳା ଖଡ଼ିଚୂନ ବୋଳି ଖରାରେ ଶୁଖାଇ ଦେଇଥାନ୍ତି। ଏହା ପରେ ସେହି କାଗଜର କଳାକୃତିଗୁଡ଼ିକରେ ବିଭିନ୍ନ ରଙ୍ଗ ଦେଇଥାନ୍ତି। ଏଥିପାଇଁ କାରିଗରଙ୍କୁ ଏକାଗ୍ରତା ରଖିବାକୁ ପଡ଼ିଥାଏ । ଏହି କାଗଜ ନିର୍ମିତ ଗୋଟିଏ ଗୋଟିଏ ସାମଗ୍ରୀର ମୂଲ୍ୟ ପ୍ରାୟ ୧୦ଟଙ୍କାରୁ ଆରମ୍ଭ କରି ୫ଶହ ଟଙ୍କା ଯାଏ ବିକ୍ରି କରାଯାଇଥାଏ। ସେହିପରି କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଫକୀରପୁର ଗାଁରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର କେତେଜଣ ସଦସ୍ୟା ବିଭିନ୍ନ ରଦି କାଗଜକୁ ସଂଗ୍ରହ କରିଥାନ୍ତି। ପରେ ସେହି କାଗଜକୁ ପାଣିରେ ଭିଜାଇ ତାହାକୁ ଗ୍ରାଇଣ୍ଡିଂ କରି ସେଥିରେ ତେନ୍ତୁଳି କିମ୍ବା ଫେବିକଲ ଅଠା ମିଶାଇ ଏକପ୍ରକାର ବହଳିଆ ମଣ୍ଡ ପ୍ରସ୍ତୁତ କରିଥାନ୍ତି। ପରେ ବିଭିନ୍ନ ଛାଞ୍ଚରେ ନିଆରା ଶୈଳୀରେ କଳାକୃତି ତିଆରି କରିଥାନ୍ତି। ଏ ସମ୍ପର୍କରେ ପ୍ରେମଲତା ସୂତାର କୁହନ୍ତି, ଗୁରୁ ହରିହର ସୂତାରଙ୍କଠାରୁ ଏହି କଳାକୃତି ଶିକ୍ଷାଲାଭ କରିଥିଲୁ। ଏମିତି କି ପ୍ରାୟ ୨ଶହ ମହିଳା ଗୋଟିଏ ଅଞ୍ଚଳରେ ଏହି କାମ କରୁଛୁ। ଏବେ ଅନ୍ୟ କେତେକ ମହିଳା ବିଭିନ୍ନ ସ୍ୱୟଂ ସହାୟକ ଗ୍ରୁପ୍‌ରେ ଯାଇ ଏହି କଳାକୃତିକୁ ଶିଖାଉଛନ୍ତି। ଏହି କଳା କାରିଗରି କାର୍ଯ୍ୟରେ ଆମର ସାରା ପରିବାର ବ୍ୟସ୍ତ ରହୁ। ଓଡ଼ିଶା ସରକାରଙ୍କ ଦ୍ୱାରା ଆୟୋଜିତ ହେଉଥିବା ପଲ୍ଲିଶ୍ରୀ, ଶିଶିର ସରସ, ମିଶନଶକ୍ତି ମେଳା, ଓର୍‌ମାସ, ତୋଷାଳି ଆଦି ବିଭିନ୍ନ ପ୍ରକାର ମେଳାରେ ରଦି କାଗଜରେ ତିଆରି ପେନ୍‌ଷ୍ଟାଣ୍ଡ, ଫୁଲଦାନି, ଟେବୁଲ ଲାଇଟ ଷ୍ଟାଣ୍ଡ ଆଦି ହସ୍ତକଳାକୁ ଖୋଲାଯାଇଥିବା ଷ୍ଟଲ ମାଧ୍ୟମରେ ବିକ୍ରି କରାଯିବାର ବ୍ୟବସ୍ଥା କରିଥାଉ। ଜଣେ ଜଣେ କାରିଗର ତା'ର କଳାକୃତି କାମକୁ ନେଇ ପ୍ରାୟ ମାସକୁ ୭ରୁ ୨୭ହଜାର ପର୍ଯ୍ୟନ୍ତ ରୋଜଗାର କରିପାନ୍ତି। ଏମିତି ଏହି କାଗଜତିଆରି କଳାକୃତିଗୁଡ଼ିକ ଆମ ରାଜ୍ୟର ହସ୍ତକଳା କାରିଗରି ସମୃଦ୍ଧିରେ ସହାୟକ ହୋଇଥାଏ।

–ବନବିହାରୀ ବେହେରା













ଦେବଯାନୀ

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧

# ହାଃ ହାଃ

## ଯାଉଛି

ଗୋପାଳ ପିଣ୍ଟୁକୁ– ମତେ ଟିକେ କହିଲୁ, 'ଆଇ ଆମ୍ ଗୋଇଂ'ର ମାନେ କ'ଣ ? ମୁଁ ଯାହାକୁ ଏହାର ଉତ୍ତର ପଚାରୁଛି ସେ ପଳେଇ ଯାଉଛି।
ପିଣ୍ଟୁ– ମୁଁ ଯାଉଛି।
ଗୋପାଳ– ଶେଷରେ ତୁ ବି ପଳେଇବୁ କହିଲୁ। ହେଲେ ତତେ ମୁଁ ଜମାରୁ ଛାଡ଼ିବିନି।

## ମଶା

ଚାକରାଣୀ– ମା' ସାନବାବୁ ମଶା ଖାଇଦେଲେ।
ମାଲିକାଣୀ– ମୁଁ ଏବେ କ'ଣ କରିବି କିଛି ବୁଝିପାରୁନି।
ଚାକରାଣୀ– ଚିନ୍ତା କରନ୍ତୁନି। ମୁଁ ସାନବାବୁଙ୍କୁ ଅଲ୍‌ଆଉଟ୍ ପିଆଇ ଦେଇଛି। ମଶା ପେଟରେ ମରିଯିବ।


## ଓଜନ

ପିନୁକୁ ଗାଁର ଜଣେ ବ୍ୟକ୍ତି– ତୁ ଆଜି ଅଙ୍ଗନବାଡି ସ୍କୁଲକୁ କାହିଁକି ଯାଇନୁ ?
ପିନୁ– କକା ତମେ ଜାଣିନ। କାଲି ନା ସେଠି ମତେ ଓଜନ କଲେ। କାଳେ ଆଜି ମତେ ବିକ୍ରି କରିଦେବେ। ସେଇଆ ଭାବି ରହିଗଲି।

# ପ୍ରାକୃତିକ ବୈଭବରେ ଭରା ଥେନୀ

**ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟରେ ଭରା ତାମିଲନାଡୁର ଥେନୀରେ ପର୍ଯ୍ୟଟକ ବିଭିନ୍ନ ସ୍ଥାନ ବୁଲିବା ସହ ଅନେକ କିଛି କିଣିପାରିବେ। ବିଶେଷକରି ଏଠାକାର ରେଶମ ଲୁଗା ଓ ମସଲା ଦ୍ରବ୍ୟର ବଜାରରେ ଖୁବ୍ ଚାହିଦା ରହିଥାଏ...**





ତାମିଲନାଡୁର ଜଳବାୟୁ ସବୁ ସମୟରେ ବୁଲାବୁଲି କରିବା ପାଇଁ ବେଶ୍ ଅନୁକୂଳ ରହିଥାଏ। ଏଠାରେ ଗୋଟିଏ କି ଦୁଇଟି ନୁହେଁ, ଏମିତି ଅନେକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ରହିଛି, ଯେଉଁଠାକୁ ବୁଲିଗଲେ ନିଆରା ଅନୁଭୂତି ସାଉଁଟିବାର ସୁଯୋଗ ମିଳିଥାଏ। ତନ୍ମଧ୍ୟରୁ ଗୋଟିଏ ଦର୍ଶନୀୟସ୍ଥାନ ହେଉଛି ଥେନୀ। ତାମିଲନାଡୁର ଏହା ହେଉଛି ଏକ ଜିଲା। ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟରେ ଭରା ଥେନୀରେ ପର୍ଯ୍ୟଟକ ବିଭିନ୍ନ ସ୍ଥାନ ବୁଲିବା ସହ ଅନେକ କିଛି କିଣିପାରିବେ।

### କ'ଣ ଦେଖିବେ

ଥେନୀରେ ପର୍ଯ୍ୟଟକଙ୍କୁ ଆକର୍ଷିତ କଲା ଭଳି ଅନେକ ଦର୍ଶନୀୟସ୍ଥାନ ରହିଛି। ବୈଗାଇ ଡ୍ୟାମ, ସୋଥୁପରାଇ ଡ୍ୟାମ୍ ଏବଂ ଶାନ୍‌ମୁଙ୍ଗାଥି ଡ୍ୟାମ୍ ହେଉଛି ଏଠାକାର ତିନୋଟି ପ୍ରମୁଖ ପିକ୍‌ନିକ୍ ସ୍ପଟ୍। ସେହିପରି ଏଠାରେ କେତୋଟି ଆକର୍ଷଣୀୟ ଝରଣା ବି ଦେଖିବାକୁ ମିଳିଥାଏ। ତନ୍ମଧ୍ୟରୁ କୁମ୍ଭାକାରାଇ ଝରଣା, ଚାଇନା ସୁରୁଲି ଝରଣା ହେଉଛି ଅନ୍ୟତମ। ତା'ଛଡ଼ା ଥେନୀରେ ଅନେକ ଦେବାଳୟ ମଧ୍ୟ ରହିଛି। ଯେମିତି କି କାମାକ୍ଷୀ ଅମ୍ମାନ୍ ମନ୍ଦିର, ଗୌମରିୟମ୍ମନ ମନ୍ଦିର, ମନଥାଇୟାମ୍ମନ୍ ମନ୍ଦିର ଇତ୍ୟାଦି ପ୍ରମୁଖ। ଏସବୁ ବ୍ୟତୀତ ପର୍ଯ୍ୟଟକ ଚାହିଁଲେ ଥେନୀର କେତୋଟି ପ୍ରମୁଖ ସହର ଯେମିତି କି ପେରିୟାକୁଲମ୍, ଉଥାମାପାଲ୍ୟମ୍, କମ୍‌ବମ୍, ବୋଦିନାୟାକାନୁର୍ ଇତ୍ୟାଦି ଅଞ୍ଚଳକୁ ବି ବୁଲି ଯାଇପାରିବେ। ତେବେ ଥେନୀରେ ପୋଙ୍ଗଲ, ଶିବରାତ୍ର ତଥା ମାସି ମହମ୍ ଇତ୍ୟାଦି ପର୍ବପର୍ବାଣିକୁ ବେଶ୍ ଧୁମ୍‌ଧାମ୍‌ରେ ପାଳନ କରାଯାଇଥାଏ। ଏହି ସମୟରେ ଏଠାରେ ବହୁ ଜନସମାଗମ ହୋଇଥାଏ।

### ଥେନୀର ଅର୍ଥନୀତି

ଥେନୀର ଅର୍ଥନୀତି ସମ୍ପୂର୍ଣ୍ଣ ଭାବେ ଏଠାକାର କୃଷି ଉପରେ ହିଁ ନିର୍ଭର କରିଥାଏ। ଏଠାରେ ମୁଖ୍ୟତଃ ଆଖୁ, ତୁଳା, ଧାନ, ବାଜରା, ଚିନାବାଦାମ ଆଦି ଚାଷ କରାଯାଇଥାଏ। ତା'ଛଡ଼ା କଦଳୀ, ନଡିଆ, ଚା', କଫି, ଅଳେଇଚ, ରସୁଣ, ଅଙ୍ଗୁର, ଲଙ୍କା ତଥା ଆମ୍ବ ଇତ୍ୟାଦି ବି ଚାଷ କରି ବାହାରକୁ ରପ୍ତାନି କରାଯାଇଥାଏ। ତେଣୁ ପର୍ଯ୍ୟଟକ ଏଠାକୁ ଗଲେ ଏହି ସବୁ ଖାଦ୍ୟ ତଥା ମସଲା ସାମଗ୍ରୀ ବେଶ୍ ସୁଲଭ ଦରରେ କିଣିପାରିବେ। ଅନ୍ୟପକ୍ଷେ ଏଠାରେ ରେଶମ ଚାଷ ବି ଭଲ ହୋଇଥାଏ। ଫଳରେ ଏଠାକାର ରେଶମ ଲୁଗାର ଚାହିଦା ବଜାରରେ ଖୁବ୍ ରହିଥାଏ।

### କେବେ ଯିବେ

ଏଠାକୁ ବର୍ଷର ଯେ କୌଣସି ସମୟରେ ବୁଲି ଯାଇହେବ। କାରଣ ବର୍ଷସାରା ଏଠାକାର ଜଳବାୟୁ ବୁଲାବୁଲି କରିବା ପାଇଁ ବେଶ୍ ଅନୁକୂଳ ରହିଥାଏ। ତେବେ ଅନ୍ୟଦିନ ତୁଳନାରେ ବିଭିନ୍ନ ପର୍ବପର୍ବାଣି ସମୟରେ ଏଠାକୁ ଗଲେ ନିଆରା ଅନୁଭୂତି ମିଳିଥାଏ।

### କେମିତି ଯିବେ

ଏଠାକୁ ଯିବା ପାଇଁ ଗମନାଗମନର ସବୁ ସୁବିଧା ରହିଛି। ମଦୁରାଇ ଏୟାରପୋର୍ଟ ଏହାର ନିକଟତମ ବିମାନବନ୍ଦର, ଯାହା ଥେନୀଠାରୁ ପ୍ରାୟ ୮୭ କି.ମି.ଦୂରରେ ଅବସ୍ଥିତ। ସେହିପରି ପାଲାନି ରେଲୱେ ଷ୍ଟେଶନ ହେଉଛି ଏହାର ନିକଟବର୍ତ୍ତୀ ରେଳଷ୍ଟେଶନ। ତା'ଛଡ଼ା ଦେଶର ବିଭିନ୍ନ ସ୍ଥାନରୁ ଏଠାକୁ ଟୁରିଷ୍ଟ ବସ୍ ବି ଯା'ଆସ କରିଥାଏ। ତେଣୁ ପର୍ଯ୍ୟଟକଙ୍କୁ ଯେଉଁଥିରେ ସୁବିଧା ସେଥିରେ ଯାଇ ଆରାମରେ ଏଠାରେ ପହଞ୍ଚିପାରିବେ।















# ସବୁଠୁ ଲମ୍ବା ହ୍ୟାଟ

ହ୍ୟାଟ ପିନ୍ଧିବା ଅନେକଙ୍କୁ ଭଲ ଲାଗିଥାଏ। ତେଣୁ ସେମାନେ ବିଭିନ୍ନ ପ୍ରକାରର ହ୍ୟାଟ ଟ୍ରାଏ କରନ୍ତି। ଆଉ ଆମେ ଏଠି ଯେଉଁ ହ୍ୟାଟ୍ କଥା କହୁଛୁ ତାକୁ ଯେକେହି ଥରେ ପିନ୍ଧିବାକୁ ଚାହିଁବେ। କାରଣ ଏ ହେଉଛି ପୃଥିବୀର ସବୁଠାରୁ ଲମ୍ବା ହ୍ୟାଟ୍। ତାମ୍ପାର ଓଡିଲୋନ୍ ଓଜେର୍ ଏହାକୁ ତିଆରି କରିଛନ୍ତି। ଏହାର ଲମ୍ବ ୧୮ ଫୁଟ୍ ୯ ଇଞ୍ଚ ଅଟେ। ଏହାକୁ ତିଆରି କରିବା ପାଇଁ ତାଙ୍କୁ ୭ ସପ୍ତାହ ଲାଗିଥିଲା। ଏଥିରେ ମୟୂର ପିଚ୍ଛ, ରାଇନ୍‌ଷ୍ଟୋନ୍, ରିବନ୍ ଲଗାଯିବା ସହ ଚଡେଇ ଡେକୋରେଶନ୍ ହୋଇଛି। ଏହାକୁ ପିନ୍ଧିଲେ ଏକ ଭିନ୍ନ ଅନୁଭୂତି ମିଳେ। ଆଉ ଏତେ ଲମ୍ବା ହ୍ୟାଟ୍‌କୁ ମୁଣ୍ଡରେ ବାଲାନ୍ସ କରି ପିନ୍ଧିବାକୁ ହୋଇଥାଏ।

## କାର୍ଟୁନ କର୍ନର



# ଗାଁ ଡ୍ରାମାରୁ ଆରମ୍ଭ



ସୁଇଟି

କେତେବେଳେ ସେ ନାୟିକା ହେଇ ମଞ୍ଚକୁ ଆସନ୍ତି ତ ପୁଣି କେତେବେଳେ ଖଳନାୟିକା ସାଜି। ଯେଉଁ ଭୂମିକାରେ ବି ଆସନ୍ତୁ, ଦର୍ଶକମାନେ ତାଙ୍କୁ ଗ୍ରହଣ କରନ୍ତି। ତାଙ୍କର ଅଭିନୟ ଦର୍ଶକଙ୍କୁ ମତୁଆଲାକରେ। ଆଉ ସାରା ରାତି ମଞ୍ଚ ତଳେ ବାନ୍ଧିରଖେ। ଏଠାରେ ଯେଉଁ ଅଭିନେତ୍ରୀଙ୍କ କଥା କୁହାଯାଉଛି ସେ ହେଉଛନ୍ତି ଅଭିନେତ୍ରୀ ସୁଇଟି। ଘର ନୟାଗଡ଼ ଜିଲାର ରଣପୁର। ପିଲାଟି ବେଳୁ ଅଭିନୟରେ ରୁଚି ଥିଲା। ଗାଁ ଡ୍ରାମାରେ ଅଭିନୟ କରୁଥିଲେ। ବାହାବା ପାଉଥିଲେ। ଯାତ୍ରାକୁ ନେଇ ସ୍ୱପ୍ନ ଦେଖୁଥିଲେ। ଦିନେ ଗୋଟିଏ ଗାଁ ଡ୍ରାମା କରୁଥିଲେ ସୁଇଟି। ସେଠାକୁ ଯାଇଥିଲେ ଯାତ୍ରାଜଗତର ଜଣେ ଜଣାଶୁଣା ଯାତ୍ରା ପରିଚାଳକ ମଧୁବାବୁ। ମଧୁବାବୁ ସେତେବେଳେ ଇଷ୍ଟର୍ନ ଗ୍ରୁପ୍ ପାଇଁ ପରିଚାଳନା ଦାୟିତ୍ୱ ନିର୍ବାହ କରୁଥିଲେ। ସୁଇଟିଙ୍କର ଅଭିନୟ ତାଙ୍କୁ ଭଲ ଲାଗିଲା। ସେ ତାଙ୍କୁ ପେସାଦାର ମଞ୍ଚକୁ ଆସିବା ପାଇଁ ପ୍ରସ୍ତାବ ଦେଲେ। ସେତେବେଳକୁ ସୁଇଟିଙ୍କର ବାହାଘର ସରିଯାଇଥାଏ। ତେବେ ଯାତ୍ରାକୁ ଆସିବେ କି ଆସିବେ ନାହିଁ ତାହାକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିଲେ ସୁଇଟି। ବାପଘର ଲୋକେ ଆଦୌ ରାଜି ନ ଥିଲେ ସେ ଯାତ୍ରାକୁ ଆସନ୍ତୁ ବୋଲି। ମାତ୍ର ସୁଇଟିଙ୍କର ଇଚ୍ଛା ଥାଏ ସେ ଯାତ୍ରାକୁ ଯିବେ। ତାଙ୍କ ଭିତରେ ଈଶ୍ୱର ଯେଉଁ ପ୍ରତିଭା ଭରି ଦେଇଛନ୍ତି ତାହାକୁ ସେ ଲୋକଲୋଚନକୁ ଆଣିବେ। ତା'ଛଡ଼ା ଯାତ୍ରା ତ ତାଙ୍କର ପିଲାଦିନ ସ୍ୱପ୍ନ ଥିଲା। ଆଜି ଯେତେବେଳେ ମନକୁ ମନ ସେହି ସ୍ୱପ୍ନ ପୂରଣ ହେବାକୁ ଯାଉଛି ସେ ତାହାକୁ ହାତଛଡ଼ା କରିବେ କିପରି ? ତେବେ ତାଙ୍କର ଯାତ୍ରାକୁ ଆସିବା ନେଇ ଶାଶୁଘର ପକ୍ଷରୁ କୌଣସି ଆପତ୍ତି ନ ଥିଲା। ଅତଏବ ଆସିଲେ ଯାତ୍ରାକୁ ସୁଇଟି। ତାଙ୍କର ପ୍ରଥମ ନାଟକ ଥିଲା ସୁନାର ପଞ୍ଜୁରି ମାଟିର ଶାରୀ। ଏଥିରେ ସେ ଖଳନାୟିକା ବା ଡେଭିଲ୍ ଚରିତ୍ରରେ ଆସିଥିଲେ ମଞ୍ଚ ଉପରକୁ। ଆଉ ଦର୍ଶକମାନେ ବି ତାଙ୍କର ଚରିତ୍ର ତଥା ଅଭିନୟକୁ ବେଶ୍ ପସନ୍ଦ କରିଥିଲେ। ଏହାପରେ ଆଉ ପଛକୁ ଫେରି ଚାହିଁନାହାନ୍ତି ସୁଇଟି। ଏବେ ଆସି ପହଞ୍ଚିଛନ୍ତି ରାଜଧାନୀ ଅପେରାରେ। ଇତିମଧ୍ୟରେ ସେ ଅନେକ ନାଟକରେ ଅଭିନୟ କରି ସାରିଲେଣି। ତାଙ୍କର କେତୋଟି ସଫଳ ନାଟକ ମଧ୍ୟରେ ରହିଛି ସୁନାର ପଞ୍ଜୁରି ମାଟିର ଶାରୀ, ଗାଁକୁ ଆସିଛି ଗଉରି ନାନୀ, ଗୋଲାପି ଗାଁର ଗୋଲାପି ଝିଅ, ବାଦୀପାଲା, ରାମ ରାବଣ, ଲକ୍ଷେ ଶିବ ପୂଜି ପାଇଛି ତତେ, କେମିତି ଅଛ ନିହାରିକା, ତତେ ଭଲପାଇ ଭୁଲ୍ ହେଇଗଲା, ସବୁ ରାଜନୀତି ରାଜଧାନୀରେ ଏବଂ ଆହୁରି ଅନେକ। ଉଭୟ ନେଗେଟିଭ୍ ତଥା ପଜିଟିଭ୍ ଚରିତ୍ରରେ ଅଭିନୟ କରୁଥିଲେ ମଧ୍ୟ ନେଗେଟିଭ୍ ଚରିତ୍ର ତାଙ୍କର ବେଶି ପସନ୍ଦ ବୋଲି କହନ୍ତି ଏହି ଅଭିନେତ୍ରୀ। ତାଙ୍କ ମତରେ ସେ ଜଣେ କଳାକାର ହୋଇଥିବାରୁ ସବୁ ଚରିତ୍ରକୁ ଆପଣାର କରନ୍ତି। ହେଲେ ବି ଦର୍ଶକମାନେ ତାଙ୍କୁ ଅଧିକ ନେଗେଟିଭ୍ ଭୂମିକାରେ ଚାହାନ୍ତି।

# ଅଭିନେତା ହେବା ଭାଗ୍ୟରେ ଥିଲା

ଦେବଦତ୍ତ ମହାନ୍ତି! ଏହା ତାଙ୍କର ଅସଲ ନାମ। ମାତ୍ର ସମସ୍ତେ ତାଙ୍କୁ ଜାଣନ୍ତି 'ଶଙ୍ଖାଳି' ଭାବରେ। ଓଡ଼ିଆ ଯାତ୍ରାଜଗତର ସେ ଜଣେ ଆଗଧାଡ଼ିର ଅଭିନେତା। ତାଙ୍କ ଅଭିନୟର ଏକ ସବୁଠୁ ଉତ୍ତମ ଦିଗ ହେଉଛି ତାଙ୍କର ସୁସ୍ପଷ୍ଟ ସଂଳାପ ଉଚ୍ଚାରଣ। ଆଉ ଏଥିପାଇଁ ସେ ଦର୍ଶକଙ୍କର ଭାରି ପ୍ରିୟ। ଜଗତ୍‌ସିଂହପୁର ନାଉଗାଁ ବ୍ଲକ୍ ଅନ୍ତର୍ଗତ ନୂଆଗାଁ ଗ୍ରାମର ଦୁର୍ଗାଚରଣ ମହାନ୍ତି ଓ ମନୋରମା ମହାନ୍ତିଙ୍କ କୋଳରେ ଜନ୍ମ ହୋଇଥିବା ଏହି ଅଭିନେତା କଲେଜରେ ପଢ଼ିବା ବେଳେ କେତୋଟି ଡ୍ରାମାରେ ଅଭିନୟ କରିଥିଲେ ସତ। ତେବେ ସେ ଯେ ଦିନେ ଜଣେ ପେସାଦାର ଅଭିନେତା ହେବେ ଏକଥା ଭାବି ନ ଥିଲେ। ମାତ୍ର ସମୟ ତାଙ୍କୁ ଆଣି ଏମିତି ଏକ ମୋଡ଼ରେ ଠିଆ କରେଇଦେଲା ଯେ, ସେ ଆଜି କୋଟିକୋଟି ଦର୍ଶକଙ୍କର ପ୍ରିୟ ନାୟକ ଶଙ୍ଖାଳି ଓରଫ ଦେବଦତ୍ତ ମହାନ୍ତି। ୧୯୯୧ରେ ସେ ସେଣ୍ଟ୍ରାଲ ରିଜର୍ଭ ପୋଲିସ ଫୋର୍ସ (ସିଆର୍‌ପିଏଫ୍)ରେ ଜଏନ କରିଥିଲେ। ତାଙ୍କର ରିକ୍ରୁଇଟ୍ ନମ୍ବର ଥିଲା ୯୧୩୨୬୬୫୭୬। ମାତ୍ର ଈଶ୍ୱର ଚାହୁଁଥିଲେ ସେ ଅଭିନେତା ହୁଅନ୍ତୁ। ତା'ହେଲେ କେମିତି ସେ ସେଠାରେ ରହିପାରିଥାନ୍ତେ ? ବ୍ରେନ୍ ଫିଭରରେ ପଡ଼ିଲେ। ସିଆର୍‌ପିଏଫ୍‌ରୁ ଓହରି ଆସିଲେ। ଏହାପରେ ହୋଟେଲ ମ୍ୟାନେଜମେଣ୍ଟ କୋର୍ସ କରି ଚାଲିଗଲେ ମୁମ୍ବାଇ। ଜବ୍ କଲେ। ଏମିତିକି ବିଦେଶ ଯିବା ପାଇଁ ତାଙ୍କୁ ଅଫର ଆସିଥିଲା। ଭିସା, ପାସ୍‌ପୋର୍ଟ ବି ରେଡି ହୋଇ ସାରିଥିଲା। ମାତ୍ର ତାଙ୍କର ପରା ଅଭିନେତା ହେବାର ଅଛି। ସେତିକିବେଳେ ତାଙ୍କ ଜୀବନର ସବୁଠୁ ବଡ଼ ଦୁର୍ଘଟଣା ଘଟିଲା। ଆଉ ତାହା ଥିଲା ମା'ଙ୍କ ଦେହାନ୍ତ। ଫେରିଆସିଲେ ଘରକୁ। ଏହା ୧୯୯୯ ମସିହା ସୁପର ସାଇକ୍ଲୋନ୍ ବର୍ଷର କଥା। ବାପା ରିଟାୟାର କରି ସାରିଥାନ୍ତି। ଘରର ସେ ସାନପୁଅ। ଆଉ ଫେରି ପାରିଲେନି ମୁମ୍ବାଇ। ମା'ଙ୍କର ଅଭାବ ତାଙ୍କ ଭିତରେ ଗଭୀର ଶୂନ୍ୟସ୍ଥାନ ସୃଷ୍ଟି କରୁଥାଏ। ପୁଣି ଜଣେ ପାଠ ପଢୁଆ ପିଲା ହୋଇ ଚାକିରି ନ କରି ଗାଁରେ ରହିଥିବାରୁ ତାଙ୍କୁ ନାନାଦି କଥା ଶୁଣିବାକୁ ପଡୁଥାଏ। ସେ ଏକ ପ୍ରକାର ନୈରାଶ୍ୟ ମଧ୍ୟ ଦେଇ ଗତି କରୁଥାନ୍ତି। ସବୁବେଳେ ଭାବୁଥାନ୍ତି, କେମିତି କ'ଣ କରି କିଛିଦିନ ଗାଁଠୁ ଘରୁ ଦୂରେଇଯିବେ। ସେତିକିବେଳେ ନାଉଗାଁରେ ଯାତ୍ରା କରୁଥାଏ ବୀଣାପାଣି କଳାକୁଞ୍ଜ ତାରାପୁର ଅପେରା। ତାହାର ସ୍ୱତ୍ୱାଧିକାରିଣୀ ଥାଆନ୍ତି ମନୋରମା ଦେବୀ। ସେ ତାଙ୍କୁ ଯାତ୍ରାକୁ ଆସିବେ କି ବୋଲି ପଚାରିଲେ ତ ହଁ ମାରିଦେଲେ ଶଙ୍ଖାଳି। ୨୦୦୦, ଜୁନ୍ ୨୦ରେ ଯାଇ ପହଞ୍ଚିଲେ ତାରାପୁର କାର୍ଯ୍ୟାଳୟରେ। ସାମୟିକ ଇଣ୍ଟରଭ୍ୟୁ ପରେ ମନୋରମା ଦେବୀ ଜାଣିଗଲେ ତାଙ୍କ ଭିତରର ପ୍ରତିଭାକୁ। ବାସ୍, ସେଇଠି ଆରମ୍ଭ ହେଲା ତାଙ୍କର ପେସାଦାର କଳାକାର ଜୀବନ। ପ୍ରଥମ ନାଟକ ଥିଲା ବିଚିତ୍ରାନନ୍ଦ ସାହୁଙ୍କ 'ମନୋରମା କଥା ମନେ ରଖିଥା'। ସେବେଠୁ ଆଉ ପଛକୁ ଫେରି ଚାହିଁନାହାନ୍ତି ଶଙ୍ଖାଳି। ତ୍ରିରଙ୍ଗା, ପୃଥିବୀ, ଓମ୍‌ଶ୍ରୀ, ତୁଳସୀ ଆଦି ଅନୁଷ୍ଠାନରେ ସଫଳତାର ସହ ପ୍ରତିଭା ପ୍ରଦର୍ଶନ କରି ଆସି ଏବେ ଆସି ପହଞ୍ଚିଛନ୍ତି ଯାତ୍ରାଶ୍ରୀ ବିଶ୍ୱ ଦରବାରରେ। ତାଙ୍କ ସଫଳ ନାଟକଗୁଡ଼ିକ ମଧ୍ୟରେ ରହିଛି ମନ କଲିକତା ଦେହ ଓଡ଼ିଶା, ନାଲି ସ୍ୱେଟର ନେପାଳି ଝିଅ, ତୋ ମୁହଁ ଆଉ ଚାହିଁବି ନାହିଁ, ଓଢ଼ଣି ଖୋଲିବୁ ଧୀରେଧୀରେ, କିଏ ଜାଣିଥିଲା ଏମିତି ହେବ, ଭୁବନେଶ୍ୱର ଜିନ୍ଦାବାଦ, କୋଟିଏ ଝିଅରେ ଗୋଟିଏ ତୁ, ସିନ୍ଦୂର ତତେ ନମସ୍କାର, ବଡ଼ଘର ବଡ଼ ଗୁମର କଥା, ଦିଅଁ ପୂଜିବାକୁ ଦେଉଳ ମନା ଏବଂ ଆହୁରି ଅନେକ। ଚଳିତବର୍ଷ ବିଶ୍ୱ ଦରବାରରେ ତାଙ୍କ ଅଭିନୀତ ନାଟକ ମଧ୍ୟରେ ରହିଛି ଭଲ ପାଇବାକୁ ଭୟ ଲାଗୁଛି, ଗୁପ୍ତ ସମ୍ପର୍କ, ବର୍ଷା ରାତିର ସାଥୀ, ତମ କଥା ଭାରି ମନେପଡୁଛି ଏବଂ ଚଉଠିରାତିର ଚଉଦ କଥା।



ଶଙ୍ଖାଳି




# ଚଢ଼େଇବସାରୁ ତିଆରି ହୁଏ ସୁପ୍

ଏମିତି ଏକ ଚଢ଼େଇ ଅଛି ଯାହାର ବସାକୁ ଆଣି ସୁପ୍ ତିଆରି କରାଯାଏ। ଆଶ୍ଚର୍ଯ୍ୟ ଲାଗୁଥିଲେ ବି ଏହା ସତ୍ୟ। ମାଲେସିଆରେ ଦେଖାଯାଉଥିବା ଏଭଳି ଚଢ଼େଇର ନାମ ସ୍ୱିଫ୍ଟଲେଟ୍ ବାର୍ଡ। ସ୍ୱିଫ୍ଟଲେଟ୍ ଯେଉଁ ବସା ତିଆରିକରେ ତାହାର ମୂଲ୍ୟ ସେଠାରେ ବହୁତ ଅଧିକ। ଏହା ତା' ପାଟିର ଲାଳରୁ ତା' ପାଇଁ ବସା ତିଆରିକରେ। ବସାଟି ଦେଖିବାକୁ ଅତି ସୁନ୍ଦର। ହଳଦୀ ମିଶା ଧଳା ରଙ୍ଗର ବସା। ଆଉ ମଜାର କଥା ସେହି ବସାରୁ ହିଁ ସ୍ୱାଦିଷ୍ଟ 'ସୁପ୍' ତିଆରି ହୋଇଥାଏ। ତାହାର ମୂଲ୍ୟ ମଧ୍ୟ କିଛି କମ୍ ନୁହେଁ। ତଥାପି ସେହି ସୁପ୍ ପିଇବା ପାଇଁ ମଧ୍ୟ ସେଠାକାର ଲୋକଙ୍କ ରୁଚି ବେଶି। ତାହାର କାରଣ ହେଉଛି ସେହି ସୁପ୍‌ରେ ରହିଛି ଅନେକ ଔଷଧୀୟ ଗୁଣ। ସୁପ୍ ପିଇବାକୁ ତ ଭାରି ସ୍ୱାଦିଷ୍ଟ। ପୁଣି ସେଥିରେ ଔଷଧୀୟ ଗୁଣ ରହିଥିବାରୁ ତାହାର ଚାହିଦା ମଧ୍ୟ କାହିଁରେ କେତେ। ଏହି କାରଣ ପାଇଁ ମାଲେସିଆରେ ସ୍ୱିଫ୍ଟଲେଟ ଚଢ଼େଇ ଫାର୍ମ ମଧ୍ୟ ରହିଛି। କେତେକ ସ୍ଥଳରେ ନାଚୁରାଲ ଫାର୍ମ କରାଯାଇଥାଏ ଯେମିତିକି ସ୍ୱିଫ୍ଟଲେଟ୍ ଚଢ଼େଇ ମନକୁମନ ଆସି ସେଠାରେ ବସାବାନ୍ଧିବ। ପୁଣି କେତେକ ସ୍ଥାନରେ ସ୍ୱିଫ୍ଟଲେଟ୍ ଚଢ଼େଇ ଚାଷ ମଧ୍ୟ କରାଯାଉଛି। ଆଉ ସେମାନଙ୍କ ଦ୍ୱାରା ବସା ପ୍ରସ୍ତୁତ କରାଯାଉଛି।





# କାର୍ ଥିମ୍ ହୋଟେଲ: ଭି ୮

ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ଥିମ୍‌ରେ ହୋଟେଲ୍ କରାଯାଉଛି। ଜର୍ମାନୀ, ଷ୍ଟୁଟଗାର୍ଟସ୍ଥ ଏକ ହୋଟେଲରେ ବି ସେମିତି କିଛି କରାଯାଇଛି। ଏଠାକାର ଭି୮ ନାମକ ହୋଟେଲଟି ବିଭିନ୍ନ ଲକ୍‌ଜ୍ୟୁରିୟସ ଓ କ୍ଲାସିକ୍ କାର୍ ଥିମ୍‌ରେ ତିଆରି କରାଯାଇଛି। ହୋଟେଲର ବେଡ୍‌ରୁମ୍ ହେଉକି ଲବି, କି ବାର୍ ସବୁସ୍ଥାନ କାର୍ ଥିମରେ ତିଆରି। ଖଟ, ସୋଫା ସହ ହୋଟେଲର ସାଜସଜ୍ଜା ବି କାର୍‌ର ବିଭିନ୍ନ ପାର୍ଟସ୍‌ରେ ହୋଇଛି। ଏଠାରେ କୌଣସି ରୁମ୍‌ର ସାଜସଜ୍ଜା କାହା ସହିତ ସମାନ ନୁହେଁ। ସବୁ ରୁମ୍‌ର ସାଜସଜ୍ଜା ଏକରରୁ ଆରେକ। କାର୍ ସଉକ ଥିବା ଗ୍ରାହକଙ୍କୁ ଏହା ସ୍ୱର୍ଗର ଅନୁଭୂତି ନିଶ୍ଚୟ ଦେବ।





ବ୍ୟାକ୍ ପେଜ୍



# ବଡ଼ ହୁଲା ହୁପ୍ ବୁଲାଇ ରେକର୍ଡ

ଅଣ୍ଟା ଚାରିପଟେ ହୁଲା ହୁପ୍ ବୁଲାଇବା ସହଜ କଥା ନୁହେଁ। ଅନେକ ଅଭ୍ୟାସ ପରେ ଏହା ସମ୍ଭବ ହୁଏ। ତେବେ ଗେଟି କେହାୟୋଭା ନାମ୍ନୀ ଜଣେ ମହିଳା ଏମିତି ଏକ ହୁଲା ହୁପ୍ ବୁଲାଉଛନ୍ତି, ଯାହା ସମସ୍ତଙ୍କୁ ଚକିତ କରୁଛି। ତାଙ୍କର ହୁଲା ହୁପ୍‌ଟି ବହୁତ ବଡ଼, ଯାହାର ବ୍ୟାସ୍ ୧୮ଫୁଟ୍ ୦.୨୫ ଇଞ୍ଚ ଅଟେ। ଏହି ହୁଲା ହୁପ୍ ବୁଲାଇ ସେ ଗିନିଜ ୱାର୍ଲଡ ରେକର୍ଡସ୍‌ରେ ସବୁଠୁ ବଡ଼ ହୁଲା ହୁପ୍ ବୁଲାଉଥିବା ମହିଳା ଭାବେ ସ୍ଥାନ ବି ପାଇଛନ୍ତି। ସର୍କସ ପରିବାରର ଗେଟି ନଅ ବର୍ଷ ବୟସରୁ ହୁଲା ହୁପ୍ ବୁଲାଇ ଆସୁଛନ୍ତି। ତେବେ ସେ ଯେବେ ଜାପାନର ଜଣେ ମହିଳା ହୁଲା ହୁପ୍‌କୁ ନେଇ ରେକର୍ଡ କରିବା କଥା ଜାଣିଲେ, ସେ ବି ଏହିଭଳି କିଛି କରିବାକୁ ନିଷ୍ପତ୍ତି ନେଲେ। ଆଉ ବିରାଟକାୟ ହୁଲା ହୁପ୍ ବୁଲାଇବା ଅଭ୍ୟାସ ଆରମ୍ଭ କଲେ। ୧୮ ଫୁଟ୍‌ର ଏହି ହୁଲା ହୁପ୍ ବୁଲାଇବା ଏତେ ସହଜ ନୁହେଁ। ଏହା ବହୁତ ଓଜନବିଶିଷ୍ଟ ହୋଇଥିବାରୁ ବୁଲାଇବାବେଳେ ବହୁତ କଷ୍ଟ ହୋଇଥାଏ। କେବଳ ଗେଟି ନୁହନ୍ତି, ଗିନିଜ ୱାର୍ଲଡ୍ ରେକର୍ଡସ୍‌ରେ ତାଙ୍କ ବାପା ଓ ବଡ଼ ଭଉଣୀ ବି ପୂର୍ବରୁ ସ୍ଥାନ ଅଧିକାର କରିଛନ୍ତି।



# କଣ୍ଟାର ଶେଯରେ ୯ ଭୀଷ୍ମ

ମହାଭାରତରେ ପିତାମହ ଭୀଷ୍ମ ଶରଶଯ୍ୟାରେ ଥିଲେ। ଏହା ଉପରେ ଥାଇ ବି ସେ ଅନେକ ଦିନ ଜୀବିତ ଥିଲେ। କାରଣ ତାଙ୍କୁ ଇଚ୍ଛାମୃତ୍ୟୁର ବରଦାନ ମିଳିଥିଲା। ଏ ସମ୍ପର୍କରେ ପ୍ରାୟ ସମସ୍ତେ ଜାଣନ୍ତି। ତେବେ ଏଇ ଯୁଗରେ ବି ସେମିତି ୯ ଜଣ କଣ୍ଟାର ଶଯ୍ୟାରେ ଶୋଇ ସମସ୍ତଙ୍କୁ ଚକିତ କରିଦେଇଛନ୍ତି। ସେପୁଣି ଜଣକ ଉପରେ ଜଣେ ଥାକ ଥାକ ହୋଇ କଣ୍ଟାର ଶେଯରେ ଶୋଇଥିଲେ। ପ୍ରଥମେ ତଳେଥିବା ବ୍ୟକ୍ତି କଣ୍ଟାର ଶେଯରେ ଶୋଇଥିଲେ। ଏହାପରେ ତାଙ୍କ ଛାତି ଉପରେ ରଖାଯାଇଥିଲା ଆଉ ଏକ କଣ୍ଟାର ଶଯ୍ୟା, ଯାହା ଉପରେ ଆଉ ଜଣେ ବ୍ୟକ୍ତି ଶୋଇଲେ। ଏମିତିଭାବେ ପ୍ରତ୍ୟେକଙ୍କ ଛାତି ଉପରେ ଥିବା କଣ୍ଟାର ଶେଯ ଜଣ ଜଣ କରି ୯ ଜଣ ଥାକ ଥାକ ହୋଇ ଶୋଇଥିଲେ। ୨୦୧୯, ଅକ୍ଟୋବର ୨୩ରେ ସୁରଟର ଭିସ୍ପି ଖରଡି ଓ ତାଙ୍କର ୮ ଜଣ ସାଥୀ ଉକ୍ତ ଦୁଃସାହସିକ ଷ୍ଟଣ୍ଟ କରି ଗିନିଜ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଥିଲେ। ଏଥିରେ ବ୍ୟବହୃତ କଣ୍ଟା ଏକ ଇଞ୍ଚର ଥିଲା।

